## ଗାଡ଼ିଆରେ ବୁଡ଼ି ଶିଶୁକନ୍ୟା ମୃତ

ବାଲେଶ୍ୱର, ୧୯।୪(ସମିସ): ବାଲେଶ୍ୱର ସଦର ଥାନା ଟିକିରାପଡ଼ା ଗ୍ରାମରେ ଶୁକ୍ରବାର ଦିନ ପୂର୍ବାହ୍ନରେ ଏକ ୬ ବର୍ଷର ଶିଶୁକନ୍ୟା ଗାଡ଼ିଆରେ ବୁଡିଯାଇ ମୃତ୍ୟୁବରଣ କରିଛି। ମୃତ କୁନି ଝିଅର ନାମ ଭାଗ୍ୟଶ୍ରୀ ଦାସ। ଟିକିରାପଡ଼ା ଗ୍ରାମର ପ୍ରଶାନ୍ତ ଦାସଙ୍କ ଝିଅ ଭାଗ୍ୟଶ୍ରୀ। ଶୁକ୍ରବାର ପୂର୍ବାହ୍ନରେ ଏହି କୁନି ଝିଅ ଘର ଅଗଣାରେ ଖେଳୁଥିଲା ବେଳେ ପରିବାର ଲୋକଙ୍କ ଅଗୋଚରରେ ନିକଟସ୍ଥ ଗାଡ଼ିଆ ପାଣିକୁ ଓହ୍ଲାଇ ଯାଇଥିଲା। ଏହା ଘଟିବାର ଅଳ୍ପ କିଛି ସମୟ ବାଦ ମା ଓ ବାପାଙ୍କ ସମେତ ପରିବାର ଲୋକେ ଝିଅକୁ ନଦେଖି ଗାଡ଼ିଆ ପାଣିରେ ପଶି ଖୋଜି ଥିଲେ। ସଂଜ୍ଞାହୀନ ଅବସ୍ଥାରେ ଝିଅକୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତରଙ୍କ ପକ୍ଷରୁ ଭାଗ୍ୟଶ୍ରୀକୁ ତୁରନ୍ତ ଚିକିତ୍ସା ଯୋଗାଇ ଦିଆଯାଇ ଥିଲା। ହେଲେ ଶେଷରେ ଭାଗ୍ୟଶ୍ରୀର ମୃତ୍ୟୁ ହୋଇଯାଇ ଥିଲା।

## ବସ୍‌ରେ ଲାଗିଲା ସୂଚନାତ୍ମକ ନିର୍ବାଚନ ପୋଷ୍ଟର

ବାଲେଶ୍ୱର, ୧୯।୪(ସମିସ): ନିର୍ବାଚନ ସମ୍ବନ୍ଧୀୟ ବିଭିନ୍ନ ସୂଚନାତ୍ମକ ପୋଷ୍ଟର ଲଗାଇ ସିଧାସଳଖ ନାଗରିକଙ୍କ ନିକଟରେ ପହଞ୍ଚିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଅଭିନବ ଅଭିଯାନ ଆରମ୍ଭ କରାଯାଇଛି। ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଭୋଟର ସଚେତନତା ଓ ଅଂଶଗ୍ରହଣ ବୃଦ୍ଧି ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାରେ ଗଡୁଥିବା ବସ୍‌ଗୁଡିକରେ ନିର୍ବାଚନ ସଚେତନତା ପୋଷ୍ଟର ଲଗାଯାଇଛି। ବସ୍ ଗୁଡିକରେ ପ୍ରମୁଖ ଭାବରେ ଲଗାଯାଇଥିବା ଏହି ରଙ୍ଗୀନ ପୋଷ୍ଟରଗୁଡିକରେ ସରଳ ଭାଷା ଏବଂ ଚିତ୍ର ମାଧ୍ୟମରେ ଭୋଟ୍ ସମ୍ପର୍କିତ ଅନେକ ନିର୍ଦ୍ଦେଶାବଳୀ ପ୍ରଦର୍ଶିତ ହୋଇଅଛି ଯାହା ମଧ୍ୟରେ ପ୍ରମୁଖ ମତଦାନ ତାରିଖ ଓ ସମୟ, ଭୋଟ୍ ଦେବାର ପ୍ରକ୍ରିୟା ଏବଂ ଭାରତର ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ପ୍ରତ୍ୟେକ ଭୋଟର ଗୁରୁତ୍ୱ ସମ୍ପର୍କରେ ସ୍ପଷ୍ଟ ବିବରଣୀ ଉପରେ ଗୁରୁତ୍ୱାରୋପ କରୁଥିବା ବାର୍ତ୍ତା ସହିତ ଆଖିକୁ ଆକର୍ଷିତ କରୁଥିବା ଷ୍ଟିକରିଂର ଉଚିତ ବ୍ୟବସ୍ଥା କରାଯାଇଛି। ଏହି ବ୍ୟାପକ ଅଭିଯାନର ସଠିକ୍ କାର୍ଯ୍ୟକାରିତା ପାଇଁ ବସ୍ ମାଲିକ ସଂଘର କର୍ମକର୍ତ୍ତାମାନଙ୍କୁ ମଧ୍ୟ ଏଥିରେ ସାମିଲ କରାଯାଇଅଛି। ଯାତାୟାତ ସମୟରେ ଏହି ପୋଷ୍ଟରଗୁଡିକ ଦ୍ୱାରା ଭୋଟରଙ୍କ ମନରେ ନିର୍ବାଚନ ସମ୍ବନ୍ଧୀୟ ବିଭିନ୍ନ ତଥ୍ୟକୁ ନେଇ ସୃଷ୍ଟି ହୋଇଥିବା ସନ୍ଦେହର ଦୂରୀକରଣ ହୋଇପାରିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ଆଶା କରାଯାଉଛି। ଏଥି ସହିତ ବସ୍‌ଷ୍ଟାଣ୍ଡଠାରେ ଥିବା ବିଭିନ ସ୍ଥାନ ଯଥା ଟିକଟ କାଉଣ୍ଟର, ଜଳଛତ୍ର, ଯାତ୍ରୀ ବିଶ୍ରାମଗାର ଠାରେ ମଧ୍ୟ ଏହି ପୋଷ୍ଟର ଗୁଡିକୁ ଲଗାଯାଇଛି। ସୂଚନା ଥାଉ କି, ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଆଶୀଷ ଠାକରେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ ଓ ଆଞ୍ଚଳିକ ପରିବହନ ଅଧିକାରୀ ରଶ୍ମିରଞ୍ଜିତ ଦଳବେହେରାଙ୍କ ତଦାରଖରେ ଏହି ଅଭିଯାନକୁ କାର୍ଯ୍ୟକାରୀ କରାଯାଉଛି।



### ବାଲେଶ୍ୱର ସଂସଦୀୟ କ୍ଷେତ୍ରରେ ବିଜେଡିର ପ୍ରସ୍ତୁତି ବୈଠକ

# ଗୁରୁମନ୍ତ୍ର ଦେଲେ ବିଜେଡି ଜିଲ୍ଲା ପର୍ଯ୍ୟବେକ୍ଷକ

ବାଲେଶ୍ୱର, ୧୯।୪(ସମିସ):




ଚଳିତ ସାଧାରଣ ନିର୍ବାଚନ ପାଇଁ ଓଡ଼ିଶାରେ ବିଗୁଲ ବାଜି ସାରିବା ପରେ ବିଜେଡି ପକ୍ଷରୁ ଶୁକ୍ରବାର ଦିନ ବାଲେଶ୍ୱର ସଂସଦୀୟ କ୍ଷେତ୍ରର ନିର୍ବାଚନ ପ୍ରସ୍ତୁତି ବୈଠକ ସ୍ଥାନୀୟ ନୋସି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡି ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରତାପ କେଶରୀ ଦେବ ଅଧକ୍ଷତା କରି ଦଳର ନିର୍ବାଚିତ ପ୍ରତିନିଧି ଏବଂ ଦଳରୁ ଟିକଟ ପାଇଥିବା ଓ ପାଇବାକୁ ଥିବା ନେତା ମାନଙ୍କୁ ନିର୍ବାଚନୀ ପ୍ରଚାର ସମ୍ପର୍କରେ କେତେକ ଗୁରୁ ମନ୍ତ୍ର ଦେଇଥିଲେ। ଏହା ସହ ବିରୋଧୀ ଦଳର କର୍ମୀ ଓ ପ୍ରାର୍ଥୀ ମାନଙ୍କୁ କିଭଳି କୌଶଳ କରି ରାଜନୈତିକ ଗୋଟି ଚାଳନା ପୂର୍ବକ ମୁକାବିଲା କରିବାକୁ ପଡ଼ିବ, ସେ ବାବଦରେ ବୁଝାଇଥିଲେ। ଏହାବାଦ ବାଲେଶ୍ୱର ଲୋକ ସଭା ଆସନର ବିଜେଡି ପ୍ରାର୍ଥୀ ଲେଖାଶ୍ରୀ ସାମନ୍ତ ସିଂହାରଙ୍କ ତରଫରୁ ବିଭିନ୍ନ ବିଧାନସଭା ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ସମାବେଶ, ଶୋଭାଯାତ୍ରା ଓ ରାଲି କରିବା ପୂର୍ବରୁ ତାଙ୍କୁ ସହଯୋଗ କରୁଥିବା ମାନସ ଦାସ ପଟ୍ଟନାୟକଙ୍କ ସହ ନିର୍ବାଚନମଣ୍ଡଳୀରେ ଥିବା ତାଙ୍କର ପ୍ରତିନିଧି ଆଲୋଚନା କରି ତାରିଖ ଓ ସମୟ ଧାର୍ଯ୍ୟ କରିବାକୁ ଶ୍ରୀ ଦେବ ପରାମର୍ଶ ଦେଇଥିଲେ। ଏତଦଭିନ୍ନ ଶ୍ରୀ ପଟ୍ଟନାୟକ ଓ ପ୍ରାର୍ଥୀ ଲେଖାଶ୍ରୀ ମିଳିମିଶି ନିର୍ବାଚନମଣ୍ଡଳୀର ପ୍ରତିନିଧି ମାନଙ୍କୁ ମନୋନୀତ କରିବା ସହିତ ବିଧାୟକ ପ୍ରାର୍ଥୀମାନଙ୍କୁ ମଧ୍ୟ ଲେଖଶ୍ରୀଙ୍କ ଗସ୍ତ ସମ୍ପର୍କରେ ଆଗୁଆ ସୂଚନା ଦେବାକୁ କହିଥିଲେ। ପୁଣି ଯେଉଁ ବରିଷ୍ଠ ଦଳୀୟ ନେତା, କର୍ମୀ ଓ ନିର୍ବାଚିତ ପ୍ରତିନିଧିମାନେ କୋଣ ଠେସା ହୋଇ ରହି ଯାଇଥିବା ଖବର ମାନସଙ୍କୁ ମିଳିଲେ, ସେ ପଞ୍ଚାୟତ, ବ୍ଲକ ଓ ସହରାଞ୍ଚଳ ପ୍ରତିନିଧିଙ୍କ ସହ ଯୋଗାଯୋଗ କରି ଲୋକ ସଭା ଆସନର ପ୍ରାର୍ଥୀଙ୍କ ସହିତ ସେମାନଙ୍କୁ ସାକ୍ଷାତ କରାଇବେ। ସାଂସଦ ପ୍ରାର୍ଥୀ ଲେଖାଶ୍ରୀ ସେମାନଙ୍କୁ ବୁଝାଇ ତାଙ୍କ ଅଭିମାନକୁ ଭାଙ୍ଗିବା ପାଇଁ ଦାୟିତ୍ୱ ନେବାକୁ ଶ୍ରୀ ଦେବ କହିଥିଲେ। ପ୍ରାର୍ଥୀ ମାନେ ନିର୍ବାଚନ ପ୍ରଚାର ଆରମ୍ଭ କରିବାର ୪୮ ଘଣ୍ଟା ପୂର୍ବରୁ ବାଇକ ରାଲି, ଶୋଭାଯାତ୍ରା, ଦଳୀୟ ନିର୍ବାଚନୀ ସଭା ପାଇଁ ଅନ୍‌ଲାଇନରେ ଆବେଦନ କରି ଅନୁମତି ପାଇଲା ପରେ ଯାହା କିଛି କରିବେ। ନିର୍ବାଚନୀ ସଭାରେ କେତେ ଚେୟାର ପଡ଼ିବ, କେତେ ମାଇକ ଲାଗିବ, ଯେଉଁ ପଡ଼ିଆରେ ସଭା ହେବ ତାର ଜମି ପଟ୍ଟାର ନକଲ ମଧ୍ୟ ଆବେଦନ ପତ୍ରରେ ଉଲ୍ଲେଖ କରାଯିବ। ଏହି ସବୁ ଆବେଦନ ଲୋକସଭା ପ୍ରାର୍ଥୀଙ୍କ ପାଇଁ ବିଧାୟକ ପ୍ରାର୍ଥୀ ମାନେ କରିବେ। କିଛି ଓଲଟା ପାଲଟା କଲେ ବିରୋଧୀ ଦଳ କର୍ମୀ ମୁଖ୍ୟ ନିର୍ବାଚନ କମିଶନରଙ୍କୁ ଆପ (ଆପ୍ଲିକେସନ) ମାଧ୍ୟମରେ ଫଟୋ ଓ ଭିଡିଓ କ୍ଲିପ ରେ ଅପ୍‌ଲୋଡ଼ କରିବାର ଆଶଙ୍କା ରହିଛି। ନିର୍ବାଚନ କମିଶନରଙ୍କ ସ୍ୱତନ୍ତ୍ର ଷ୍ଟ୍ରାଇକିଙ୍ଗ ଫୋର୍ସ ତୁରନ୍ତ ସଭା ସ୍ଥଳରେ ପହଞ୍ଚି ଝାମେଲା କରିବେ ବୋଲି ଶ୍ରୀ ଦେବ ସଚେତନ କରାଇଥିଲେ। ସେହିପରି ସରକାରଙ୍କ ଠାରୁ ଦରମା ନେଇ କାମ କରୁଥିବା କର୍ମଚାରୀ ମାନଙ୍କୁ ଦଳୀୟ ନିର୍ବାଚନୀ ପ୍ରଚାରରେ କିମ୍ବା ସମାବେଶ ସ୍ଥଳରେ ନିୟୋଜିତ କରାଇବାକୁ ଶ୍ରୀ ଦେବ ବାରଣ କରିଥିଲେ। ଶେଷରେ ଦଳର ନେତା ଓ କର୍ମୀ ମାନଙ୍କ ଉଦ୍ଦେଶ୍ୟରେ ଶ୍ରୀ ଦେବ କହିଥିଲେ, ଦଳର ବିଜୟ, ଆମ୍ଭ ମାନଙ୍କର ବିଜୟ। ଦଳର ପରାଜୟ, ଆମ୍ଭ ମାନଙ୍କର ପରାଜୟ ବୋଲି ଭାବି ଯଦି ଏହି ଜିଲ୍ଲାର ସମସ୍ତ ନେତା ଓ କର୍ମୀ ମାନେ ଦଳୀୟ ପ୍ରାର୍ଥୀ ମାନଙ୍କ ପାଇଁ ଲାଗିବେ, ତାହେଲେ ଜିଲ୍ଲା ବିଜେଡିର ସମସ୍ତ ଦଳୀୟ ପ୍ରାର୍ଥୀ ସହଜରେ ଚଳିତ ନିର୍ବାଚନ ବୈତରଣୀ ପାର ହୋଇଯିବେ ବୋଲି ପର୍ଯ୍ୟବେକ୍ଷକ ତଥା ମନ୍ତ୍ରୀ ପ୍ରତାପ ଦେବ କହିଥିଲେ। ବାଲେଶ୍ୱର ବିଜେଡି ସାଂସଦ ପ୍ରାର୍ଥୀ ଲେଖାଶ୍ରୀ ସାମନ୍ତ ସିଂହାର ନିଜ ବକ୍ତବ୍ୟରେ ଅଧିକ ଆତ୍ମବିଶ୍ୱାସ ନ ରଖି, ତୃଣମୂଳ ସ୍ତରରେ ବିରୋଧୀ ପକ୍ଷର ରଣନୀତି ଉପରେ ନଜର ରଖିବା ପାଇଁ ପରାମର୍ଶ ଦେବା ସହିତ ଦଳର ସମସ୍ତ ନେତା ଓ କର୍ମୀ ତାଙ୍କୁ ସହଯୋଗ କରିବା ଲାଗି ନିବେଦନ କରିଥିଲେ। ଏହି ବୈଠକରେ ବିଜେଡି ଜିଲ୍ଲା ସଭାପତି ତଥା ଜଳେଶ୍ୱର ବିଧାନ ସଭା ପ୍ରାର୍ଥୀ ଅଶ୍ୱନୀ କୁମାର ପାତ୍ରଙ୍କ ସମେତ ଜିଲ୍ଲାର ସାତଟି ବିଧାନସଭା ଆସନର ବିଜେଡି ପ୍ରତିନିଧି, ତୃଣମୂଳ ସ୍ତରର ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ବିପୁଳ ମଦ ଜବତ, ୩ ଗିରଫ

ଚୌକି, ୧୯।୪ (ସମିସ): ବାଲେଶ୍ୱର ଅବକାରୀ ଅଧୀକ୍ଷକ ସୁଶାନ୍ତ କୁମାର ପାଢ଼ୀଙ୍କର ନିର୍ଦ୍ଦେଶରେ ଭୋଗରାଇ ବ୍ଲକ ଅଞ୍ଚଳରେ ଅବକାରୀ ବିଭାଗର ମିଳିତ ଚଢ଼ଉ ହୋଇ ବିପୁଳ ପରିମାଣର ଦେଶୀ ଓ ବିଦେଶୀ ମଦ ଜବତ ସହିତ ୩ ଜଣ ବେପାରୀ ଗିରଫ ହୋଇଛନ୍ତି। ଶୁକ୍ରବାର ଅବକାରୀ ଉପ ଅଧିକ୍ଷକ ସିଏଚ ତିରୁପତିଙ୍କ ନେତୃତ୍ୱରେ ବାଲେଶ୍ୱର ମୋବାଇଲ ଅବକାରୀ ସ୍କ୍ୱାଡ୍, ଜଳେଶ୍ୱର ଓ ଭୋଗରାଇ ଅବକାରୀ ବିଭାଗର ୧୮ ଜଣିଆ ଟିମ ଭୋଗରାଇ ବ୍ଲକ ଅନ୍ତର୍ଗତ ଉଦୟପୁର ଗ୍ରାମରେ ସିନ୍ନାଆଶୁ ବେହେରା ଭୂଷଣ୍ଡେଶ୍ୱରରୁ ସୁଶାନ୍ତ ବାରିକ ଓ ଗମ୍ଭାରୀଆରୁ କାହ୍ନୁଚରଣ ବେହେରା ଘର ଓ ଦୋକାନ ଘରେ ଚଢ଼ାଉ କରି ବିପୁଳ ପରିମାଣର ଚୋରା ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି। ଏହି ଚଢ଼ାଉରେ ଜିଲ୍ଲା ଅବକାରୀ ଉପ ଅଧିକ୍ଷକ ଶ୍ରୀ ତିରୁପତିଙ୍କ ସହିତ ମୋବାଇଲ ସ୍କ୍ୱାଡ୍ ଆଇଆଇସି ସଞ୍ଜିତ କୁମାର ବାଲା, ଏସଆଇ ଭକ୍ତ ଚରଣ ସ୍ୱାଇଁ, ଜଳେଶ୍ୱର ଅବକାରୀ ଅଧିକାରୀ କୃଷ୍ଣ ଚନ୍ଦ୍ର ପରିଡ଼ା, ଏସଆଇ ବିଜୟ ବୀରେନ୍ଦ୍ର ଲାକ୍ରା, ଭୋଗରାଇ ଅବକାରୀ ଅଧିକାରୀ ରଞ୍ଜନ କୁମାର ଦାସ, ଏଏସଆଇ ପ୍ରହଲ୍ଲାଦ ବିଶ୍ୱାଳ ପ୍ରମୁଖ ସାମିଲ ଥିଲେ।

## ଅଜୟ ପଟ୍ଟନାୟକ ନୀଳଗିରି ସିପିଆଇ ପ୍ରାର୍ଥୀ

ସୋର, ୧୯।୪(ସମିସ): ଭାରତୀୟ କମ୍ୟୁନିଷ୍ଟ ପାର୍ଟି ବାଲେଶ୍ୱର ଜିଲ୍ଲା ପରିଷଦ ବୈଠକ ସୋର ସଂଗ୍ରାମୀ ଭବନରେ ବର୍ଷୀୟାନ ସାଥୀ କୈଳାସ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସିପିଆଇର ନୀଳଗିରି ବିଧାନସଭା ପ୍ରାର୍ଥୀ ଭାବେ ଆଇନଜୀବୀ ତଥା ସାମ୍ୟବାଦୀ ଚିନ୍ତାଧାରାରେ ଅନୁପ୍ରାଣିତ ଅଜୟ କୁମାର ପଟ୍ଟନାୟକଙ୍କ ନାମ ଜିଲ୍ଲା ସମ୍ପାଦକ ନିରଞ୍ଜନ ବାରିକ ପ୍ରସ୍ତାବ ଆଗତ କରିଥିଲେ। ଉପସ୍ଥିତି ସମସ୍ତ ଜିଲା ପରିଷଦ ସଦସ୍ୟମାନଙ୍କ ସର୍ବସମ୍ମତ ନିଷ୍ପତ୍ତିକୁ ଆଧାର କରି ବୈଠକରେ ଉପସ୍ଥିତ ରାଜ୍ୟ ସମ୍ପାଦକ ସାଥି ଅଭୟ ସାହୁ ସିପିଆଇର ନୀଳଗିରି ବିଧାନସଭା ପ୍ରାର୍ଥୀ ଭାବେ ଅଜୟ କୁମାର ପଟ୍ଟନାୟକଙ୍କ ନାମ ଘୋଷଣା କରିଥିଲେ। ଏହି ବୈଠକରେ ଜାତୀୟ ପରିଷଦ ସଦସ୍ୟ ଆଶିଷ କାନୁନଗୋ, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ପ୍ରଶାନ୍ତ ମିଶ୍ର, ଜୟନ୍ତ ଦାସ, କଣ୍ଟ୍ରୋଲ କାମମିଶନ ସଦସ୍ୟ, ଅନାମ ପ୍ରସାଦ ବାରିକ, ରାଜ୍ୟ ପରିଷଦ ସଦସ୍ୟ ମାୟାଧର ନାୟକ, ଜିଲା ପରିଷଦ ସଦସ୍ୟ, ଗୌରାଙ୍ଗ ପାଣିଗ୍ରାହୀ, ମନୋରଞ୍ଜନ ରାଉତ, ମାନସ ମହାପାତ୍ର, ବିଜୟ ସ, ପ୍ରଭାବତୀ ଦାସ, ବନ୍ଦନା ପାତ୍ର, ଭଗବାନ ପଣ୍ଡା, ନନ୍ଦକିଶୋର ମହାଳିକ, ରତ୍ନାକର ବିଶ୍ୱାଳ, ଶ୍ୟାମସୁନ୍ଦର ଜେନା, ଆଶୁତୋଷ ପରିଡ଼ା, ବିପିନ ବିହାରୀ ବାରିକ, ପ୍ରଶାନ୍ତ ଦାସ, ନିହାର ଜେନା, ତପନ ସିଟ, ଶଶୀକାନ୍ତ ପଣ୍ଡା, ବନମାଳୀ ବାରିକ, ସୀତାରାମ ସାହୁ, ଅରୁଣା ବାରିକ, କାର୍ତ୍ତିକ ତ୍ରିପାଠୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଟ୍ରକ୍ ଧକ୍କାରେ ସାଇକଲ ଆରୋହୀ ମୃତ

# କ୍ଷତିପୂରଣ ଦାବିରେ ରାସ୍ତାରେ ବସିଲେ ପରିବାର ଲୋକ

ବାଲେଶ୍ୱର, ୧୯।୪ (ସମିସ):



ଶୁକ୍ରବାର ଦିନ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଯାଇଛି। ଏକ ଟ୍ରକ୍ ଧକ୍କାରେ ସାଇକେଲ ଆରୋହୀଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଯାଇଛି। ଏ ନେଇ ଘଟଣା ସ୍ଥଳରେ ଉତ୍ତେଜନା ସହ ଟାୟାର ଜାଳି ରାସ୍ତାରୋକ କରାଯାଇଥିଲା। ରାସ୍ତା ମରାମତି ଏବଂ ମୃତ ପରିବାର ଲୋକଙ୍କୁ କ୍ଷତିପୂରଣ ଦାବି କରି ରାସ୍ତାରୋକ କରିଥିଲେ ପରିବାର ଲୋକ ଏବଂ ସ୍ଥାନୀୟ ଗ୍ରାମବାସୀ। ମିଳିଥିବା ସୂଚନା ଅନୁସାରେ, ରେମୁଣା ଥାନା ଅଧୀନ କାଠସଂଗଡ଼ା ଗାଁର ଗଣେଶ୍ୱର ଗିରି ନୋସି ପାର୍କରେ କାମ କରନ୍ତି। ପ୍ରତିଦିନ ସାଇକେଲ ଯୋଗେ ଗଣେଶ୍ୱର ସକାଳ ୬ଟା ବେଳକୁ ଡ୍ୟୁଟିକୁ ଯାଆନ୍ତି। ପ୍ରତିଦିନ ପରି ଶୁକ୍ରବାର ଦିନ ସକାଳେ ମଧ୍ୟ ଗଣେଶ୍ୱର ସାଇକେଲ ଯୋଗେ କାମକୁ ଯାଉଥିଲେ। ସେହି ସମୟରେ ଜାତୀୟ ରାଜପଥ ୧୬ ବାରୁଣୀ ପୋଲ ନିକଟରେ ଏକ କୋଇଲା ବୋଝେଇ ଟ୍ରକ୍ ପଛ ଆଡୁ ଆସି ତାଙ୍କୁ ପିଟିଥିଲା। ଫଳରେ ଘଟଣାସ୍ଥଳରେ ଗଣେଶ୍ୱରଙ୍କ ମୃତ୍ୟୁ ଘଟିଥିଲା। ପରେ ସ୍ଥାନୀୟ କିଛି ଲୋକ ଟ୍ରକ୍ ଟିକୁ ପିଛା କରି ଟ୍ରକ୍ ସହ ଚାଳକକୁ ସଦର ଥାନାରେ ଜିମା ଦେଇଛନ୍ତି। ତେବେ ଘଟଣାର ସ୍ଥଳରେ ପରିବାର ଲୋକେ ଓ ଗ୍ରାମବାସୀ ମୃତ ଦେହକୁ ରଖି କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ୧୬କୁ ସମ୍ପୂର୍ଣ୍ଣ ଅବରୋଧ କରିଥିଲେ। ରାସ୍ତାର ମରାମତି ଦାବି ସହ ପରିବାରକୁ ଆର୍ଥିକ କ୍ଷତିପୂରଣ ଦାବି କରିଛନ୍ତି ଗ୍ରାମବାସୀ। ଘଟଣା ସ୍ଥଳରେ ସଦର ଥାନା ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ ବି ଉତ୍ତେଜନା ଥମିନଥିଲା। ତେବେ ରାସ୍ତା ଅବରୋଧ ଯୋଗୁଁ ସକାଳ ପ୍ରାୟ ୧୧ ଟା ପର୍ଯ୍ୟନ୍ତ ଜାତୀୟ ରାଜପଥରେ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ଉପଜିଲ୍ଲାପାଳ ଘଟଣା ସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିବା ସହ ମୃତ ପରିବାର ଲୋକଙ୍କୁ ରେଡ଼କ୍ରସ ପକ୍ଷରୁ ୨୫ ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ବିଜଗୋପାଳ କନଷ୍ଟ୍ରକସନ୍ ପକ୍ଷରୁ ୧ ଲକ୍ଷ ୨୫ ହଜାର ଟଙ୍କା ଦେବାକୁ ପ୍ରତିଶୃତି ଦିଆଯାଇଛି ବୋଲି ସୂଚନା ମିଳିଛି। ଏହା ପରେ ଘଟଣା ସ୍ଥଳରେ ଉତ୍ତେଜନା ଥମିଥିଲା। ବାଲେଶ୍ୱର ସଂସଦ ପ୍ରାର୍ଥୀ ଲେଖାଶ୍ରୀ ସାମନ୍ତ ସିଂହାର, ରେମୁଣା ତହସିଲଦାର, ବିଧାୟକ ସୁଧାଂଶୁ ଶେଖର ପରିଡ଼ା ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ସ୍ଥାନୀୟ ନିବାସୀ ଗଣେଶ୍ୱର ଗିରିଙ୍କ ଅକାଳ ବିୟୋଗରେ ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହିତ ସହିତ ଅମର ଆତ୍ମାର ସଦଗତି କାମନା କରିଛନ୍ତି। ପ୍ରକାଶ ଥାଉ କି, ଏନ୍ ଏଚ୍ ୧୬ର ଏହି ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଛି। କଣ୍ଟ୍ରାକ୍ଟର ଭୁଲ କାମ ପାଇଁ ରାସ୍ତା ସଂକୀର୍ଣ୍ଣ ହୋଇଯାଇଛି। ଫଳରେ ଯାତାୟାତ କରିବା ବିପଦପୂର୍ଣ୍ଣ ହୋଇପଡ଼ିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ବିଶ୍ୱ ଐତିହ୍ୟ ଦିବସ ପାଳିତ




ବାଲେଶ୍ୱର, ୧୯।୪(ସମିସ): ବାଲେଶ୍ୱର ଆର୍ଟ ଆଣ୍ଡ କ୍ରାଫ୍ଟ କଲେଜରେ ଇନଟାକ୍ ବାଲେଶ୍ୱର ଚାପଟର୍ ତରଫରୁ ବିଶ୍ୱ ଐତିହ୍ୟ ଦିବସ ପାଳନ କରାଯାଇଛି। ଏହି ଉପଲକ୍ଷେ ବାଲେଶ୍ୱର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ଚିତ୍ରାଙ୍କନ ପ୍ରତିଯୋଗୀତା ବାଲେଶ୍ୱରରେ ନୌବାଣିଜ୍ୟ ବିଷୟକୁ ନେଇ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତା ପୂର୍ବରୁ ଅନୁଷ୍ଠାନ ଦ୍ୱାରା ଏକ ସଭା କରାଯାଇ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀମାନଙ୍କୁ ହେରିଟେଜ ଓ ବାଲେଶ୍ୱରରେ ନୌବାଣିଜ୍ୟ ବିଷୟରେ ବକ୍ତାମାନେ ନିଜର ବକ୍ତବ୍ୟ ମାଧ୍ୟମରେ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ଇନଟାକ୍ ଆବାହକ ଉଦୟରଞ୍ଜନ ଦାସ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ପ୍ରଶାନ୍ତ କୁମାର ପାଢ଼ୀ କିପରି ଭାବେ ବାଲେଶ୍ୱରରୁ ବିଦେଶକୁ ଜାହାଜ ମାଧ୍ୟମରେ ନୌବାଣିଜ୍ୟ କରାଯାଉଥିଲା ସେ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ କଳାକ୍ଷେତ୍ର ଅଧ୍ୟକ୍ଷ ତଥା ଇନଟାକ୍ ଅତିରିକ୍ତ ସହ ଆବାହକ ନିକୁଞ୍ଜ ବିହାରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସତ୍ୟନାରାୟଣ ନନ୍ଦ, ଯୋଶଦାନନ୍ଦ ଆସ, ସୌରଭ କୁମାର ବେହେରା, ସବିକାଶ କୁମାର ଦାସ, ଇନଟାକ୍ ସଭ୍ୟ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ।

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



ସ୍ୱ ରବୀନ୍ଦ୍ର ନାଥ ଦାସ
(ପ୍ରାକ୍ତନ ଓଡ଼ିଶା ବରିଷ୍ଠ ସେବା ପ୍ରଶାସନିକ ଅଧିକାରୀ, ପ୍ରାକ୍ତନ ଓଡିଶା ସାହିତ୍ୟ ଏକାଡେମୀ ସଂପାଦକ)
ଆର୍ବିଭାବ- ୧୭.୦୫.୧୯୪୨
ତିରୋଧାନ: ୨୦.୦୪.୨୦୨୨
ଚାହୁଁ ଚାହୁଁ ଦୁଇ ବର୍ଷ ବିତିଗଲାଣି। ଏମିତି ଗୋଟିଏ ଦିନ ନାହିଁ, ଯେଉଁ ଶୂନ୍ୟସ୍ଥାନ କରିଯାଇଛ, ତାହା ଅପୂରଣୀୟ। ତୁମେ ଯେଉଁଠି ଥାଅ ଭଲରେ ଥାଅ, ଏହା ନୃସିଂହ ନାଥଙ୍କ ନିକଟରେ ପ୍ରାର୍ଥନା।
-: ଶ୍ରଦ୍ଧାଞ୍ଜଳି ସହ :-
ହତଭାଗିନୀ ପତ୍ନୀ- ଡଲି, ପୁଅ- ପୁପୁନ୍, କନ୍ୟା-ପିଙ୍କୁ, ଜ୍ୱାଇଁ-ବୁଲୁ, ନାତି/ନାତୁଣୀ- ନୂତୁନ, ନୂପୁର ଓ ବନ୍ଧୁ ପରିଜନ

## କଂଗ୍ରେସର ଜୋନ୍‌ସ୍ତରୀୟ କର୍ମୀ ସମ୍ମିଳନୀ

ବାଲେଶ୍ୱର, ୧୯।୪(ସମିସ): ଜାତୀୟ କଂଗ୍ରେସ ତରଫରୁ ରେମୁଣା ନିର୍ବାଚନ ମଣ୍ଡଳୀ ଶ୍ରୀଜଙ୍ଗଠାରେ ଏକ କର୍ମୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକକୁ ରେମୁଣା ବ୍ଲକ ସଭାପତି ତରୁଣ ଦାସ ସଭାପତିତ୍ୱ କରିଥିଲେ। ଜିଲ୍ଲା କଂଗ୍ରେସ ସଭାପତି ସଞ୍ଜୀବ ଗିରି ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ, ଶ୍ରୀକାନ୍ତ ଜେନାଙ୍କ ପ୍ରତିନିଧି ଅକ୍ଷୟ ମଲ୍ଲିକ, ୩୮ ନଂ. ଜୋନ ସଭାପତି ପ୍ରଦୀପ ଦାସ, ଜିଲ୍ଲା ଗଣମାଧ୍ୟମ ଯୋଗାଯୋଗ ବିଭାଗ ଅଧକ୍ଷ ବିକାଶ ଦାସ, ନୂଆପୁର ସରପଞ୍ଚ ଅଟଳ ବିହାରୀ ରାଉତ, ବାସନ୍ତୀ ସାମଲ, କହ୍ନେଇ ପ୍ରଧାନ, ରାମନାରାୟଣ ଶତପଥୀ, ହିମାଂଶୁ ଦାସ, ନିରଞ୍ଜନ ବେହେରା, ସମୀୟ ମହାକୁଡ଼, ସୁବ୍ରତ ବାରିକ ଯୁଗଳ ମୋହଲ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ଶେଷ ସମୟରେ ସାଂସଦ ପ୍ରାର୍ଥୀ ଶ୍ରୀକାନ୍ତ ଜେନା ପହଞ୍ଚି କର୍ମୀମାନଙ୍କ ବିଶେଷ ଭାବେ ମହିଳା କର୍ମୀ ମାନଙ୍କ ସହ ସୁବିଧା ଅସୁବିଧା ବିଷୟରେ ଆଲୋଚନା କରିଥିଲେ। ଶେଷରେ ରାଜେନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## କୁରୁଡ଼ା ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଅଭିଭାବକ ବୈଠକ




ବାଲେଶ୍ୱର, ୧୯।୪(ସମିସ): ସହର ଉପକଣ୍ଠରେ ଥିବା କୁରୁଡା ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ନୂଆକରି ନାମ ଲେଖାଇଥିବା ପିଲାମାନଙ୍କର ପିତାମାତାଙ୍କୁ ନେଇ ଏକ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସାବିତ୍ରୀ ଜେନା ଉପସ୍ଥିତ ରହି ଜଣେ ସୁନାଗରିକ ଗଠନ ନିମନ୍ତେ ମାଆମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବକ୍ତବ୍ୟରେ କହିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ମନୋଜ କୁମାର ପଣ୍ଡା ଉପସ୍ଥିତ ଥିଲେ। ଶିକ୍ଷାକେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟ ଦେବେନ୍ଦ୍ର କୁମାର ମହାନ୍ତି ଏହି ବୈଠକରେ ପୌରୋହିତ୍ୟ କରିବା ସହିତ ବିଦ୍ୟାଳୟର ଶୃଙ୍ଖଳା ତଥା ନିୟମାବଳୀ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମା ଉପସ୍ଥିତ ଥିଲେ।



# କେବଳ ଟାର୍ଗେଟ୍ ପୂରଣ ପାଇଁ ହେଉଛି ଆମ୍ବ ଚାଷ

ବାଲେଶ୍ୱର, ୧୯।୪(ସମିସ):

କୁହାଯାଏ, ଆମ୍ବ ଫଳ ଭିତରେ ରାଜା। ରାଜ୍ୟରେ ଫଳଚାଷ ହେଉଥିବା ସମୁଦାୟ ଅଞ୍ଚଳର ଅର୍ଦ୍ଧେକ ହେଉଛି ଆମ୍ବଚାଷ ପରିବୃତ ଅଞ୍ଚଳ। ବୌଦ୍ଧ, ସୋନପୁର, ବଲାଙ୍ଗୀର, ଫୁଲବାଣୀ, ଢେଙ୍କାନାଳ ଆଦି ଜିଲ୍ଲାରେ ଭଲ ଆମ୍ବ ଚାଷ ହୋଇଥାଏ। କିନ୍ତୁ ବାଲେଶ୍ୱରରେ ଫଳମାନଙ୍କ ରାଜା ଆମ୍ବ ନୁହେଁ ନଡ଼ିଆ। ସେଥିପାଇଁ ବାଲେଶ୍ୱର ଜିଲ୍ଲାରେ ଫଳ ଭିତରେ ଆମ୍ବ ରାଜା ହୋଇପାରିନି। ଆମ୍ବ ଚାଷ ପାଇଁ ସରକାରଙ୍କ ତରଫରୁ ସମସ୍ତ ସୁବିଧା ଅଛି ହେଲେ ଆମ୍ବ ଚାଷ ପ୍ରତି ମନ ବଳାଉନାହାନ୍ତି ଚାଷୀ। ପ୍ରତିବର୍ଷ ଏଠାରେ କେବଳ ଟାର୍ଗେଟ ପୂରଣ ପାଇଁ ଆମ୍ବ ଚାଷ କରାଯାଉଛି। ନ ହେଲେ ବାଲେଶ୍ୱର ଜିଲ୍ଲାରେ ଆମ୍ବ ଉତ୍ପାଦନ ନାହିଁ କହିଲେ ଚଳେ। ତେବେ କାଁ ଭାଁ ଚାଷୀ ବିଲ ନ ହେଲେ ହିଡରେ ଆମ୍ବ ଚାଷ କରୁଛନ୍ତି। ଯାହା ଯେତିକି ଆମ୍ବ ଉତ୍ପାଦନ ହୁଏ ତାହାକୁ ନିଜେ ଖାଆନ୍ତି ନ ହେଲେ ପାଖ ବଜାରରେ ବିକ୍ରି କରିଥାନ୍ତି। ତେବେ ଆମ୍ବ ଅପେକ୍ଷା ବାଲେଶ୍ୱରରେ ଅଧିକ ନଡ଼ିଆ ଚାଷ ଉପରେ ନିର୍ଭରଶୀଳ। ନଡ଼ିଆ ଚାଷ ପାଇଁ ବିଶେଷ ପ୍ରୋତ୍ସାହନ ନଥିଲେ ବି ପୁରୁଷ ପୁରୁଷ ଧରି ଘରେ ଘରେ ଏହି ନଡ଼ିଆ ଚାଷ କରିଆସୁଛନ୍ତି। ସୂଚନାଯୋଗ୍ୟ, ବାଲେଶ୍ୱର ଜିଲ୍ଲାରେ ୨୦୨୨-୨୩ ଏବଂ ୨୦୨୩-୨୪ବର୍ଷରେ ୧୫୦ ହେକ୍ଟର ଜମିରେ ଆମ୍ବ ଚାଷ ପାଇଁ ଟାର୍ଗେଟ ଆସିଥିଲା। ଏବର୍ଷ ଅର୍ଥାତ୍ ୨୦୨୪-୨୫ ବର୍ଷ ପାଇଁ ଏପର୍ଯ୍ୟନ୍ତ ଟାର୍ଗେଟ ଆସିନାହିଁ। ଜିଲ୍ଲାରେ ୩୪୨ ଜଣ ଆମ୍ବ ଚାଷୀ ଅଛନ୍ତି। ଚାଷୀଙ୍କ ପାଖରେ ଜବ୍ କାର୍ଡ କିମ୍ବା ଏସସି/ଏସଟି ଲୋକ ଯାହାଙ୍କ ପାଖରେ ୨ ହେକ୍ଟର ଜମି ରହିଛି ସେମାନଙ୍କ ପାଇଁ ଆମ୍ବଚାଷ ପାଇଁ ସୁବିଧା ଉପଲବ୍ଧ ରହିଛି। ଏହାବ୍ୟତୀତ ମନରେଗା ଯୋଜନାରେ ଜବ୍ କାର୍ଡ ମାଧ୍ୟମରେ ଜଣେ ଆମ୍ବ ଚାଷ କରିପାରୁଥିବା ବେଳେ ଅନ୍ୟପଟେ ଏମଆଇଡିଏଚ ଯୋଜନାରେ ୧୨ ହଜାର ୫୦୦ ଟଙ୍କା ସବସିଡି ମାଧ୍ୟମରେ ଆମ୍ବ କରିବାର ସୁବିଧା ରହିଛି। ହେକ୍ଟରକୁ ୧୦୦ଟି ଆମ୍ବ ଚାରା ଜଣେ ଚାଷୀଙ୍କୁ ପ୍ରଦାନ କରାଯାଇଥାଏ। ଜୁଲାଇ ମାସ ବେଳକୁ ଆରମ୍ଭ ହୁଏ ଆମ୍ବ ଚାଷ। ୨/୩ ବର୍ଷ ମଧ୍ୟରେ ଗଛରେ ଆମ୍ବ ଫଳିଥାଏ। କାରଣ ଏହି କଲମୀ କରାଯାଇଥିବା ଗଛ ଲଗାଇଲେ ଶୀଘ୍ର ଅମଳ ମିଳେ। ତେବେ ବାଲେଶ୍ୱରରେ ଆମ୍ବକୁ କେହି ବ୍ୟବସାୟିକ ଦୃଷ୍ଟିରେ ଚାଷ କରୁନାହାନ୍ତି। ସେଥିପାଇଁ ଏହାର ଉତ୍ପାଦନ ମଧ୍ୟ ନାହିଁ। ପ୍ରତିବର୍ଷ କୃଷି ଉଦ୍ୟାନ ବିଭାଗକୁ ଟାର୍ଗେଟ ଆସୁଛି ସତ ହେଲେ ଉତ୍ପାଦନ କିଛି ନାହିଁ। ସେଥିପାଇଁ ବିଭାଗ ପାଖରେ ବାର୍ଷିକ ଆମ୍ବ ଉତ୍ପାଦନର ତଥ୍ୟ ମଧ୍ୟ ନାହିଁ। ତେବେ ବିଭାଗ ପକ୍ଷରୁ ଆମ୍ବ ଚାଷକୁ ନେଇ ଚାଷୀମାନଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ବୁଝାଯାଆନ୍ତା ତେବେ ଆଉ ଅଧିକ ଚାଷୀ ଆମ୍ବ ଚାଷ କରନ୍ତେ ବୋଲି କୁହାଯାଇଛି। 'ଅଢେଇ ଏକର ଜାଗାରେ ଆମ୍ବ ଚାଷ କରିଛି। ଦସେରୀ ଓ ଆମ୍ରପଲ୍ଲୀ ଗଛ ଲଗାଯାଇଥିଲା। ଆମ୍ବ ଏଥର ଭଲ ହୋଇନାହିଁ। ମାତ୍ର ଅଳ୍ପ କେତୋଟି ଗଛରେ ଆମ୍ବ ଫଳିଛି। ଅଧିକାଂଶ ଗଛରେ ବଉଳ ମଧ୍ୟ ଆସିନାହିଁ। କିଛି ଗଛରେ ବଉଳ ହୋଇଥିଲେ ବି ଗଛରେ ଆମ୍ବ ଫଳୁ ନାହିଁ। ପୁରୁଣା କିଛି ଆମ୍ବ ଗଛରେ ଅଳ୍ପ କିଛି ଆମ୍ବ ହୋଇଛି' ବୋଲି ଖଇରା ବ୍ଲକ ତଟାପଡ଼ା ଅଞ୍ଚଳର ଚାଷୀ ମଧୁସୂଦନ ପ୍ରଧାନ କହିଛନ୍ତି। 'ବାଲେଶ୍ୱରରେ ଧାନ, ପାନ, ମୀନ ଓ ନଡ଼ିଆ ଚାଷକୁ ଲୋକମାନେ ବହୁତ ପୂର୍ବରୁ ବ୍ୟବସାୟିକ ଦୃଷ୍ଟିରେ ରଖି ଚାଷ କରିଆସୁଛନ୍ତି। ମାତ୍ର ଆମ୍ବକୁ ସେପରି କେହି ବ୍ୟବସାୟିକ ଭିତ୍ତିକ ଭାବେ ଚାଷ କରିବାକୁ କେହି ଚାହିଁ ନାହାନ୍ତି। ଆମର ଦେଶୀ ଓ ବିଦେଶୀ ଆମ୍ବ ଗଛ କିଛି ଲଗାଯାଇଛି। ଏବର୍ଷ ପତ୍ର କଳା ପଡ଼ିବା ସହ ଆମ୍ବ ମଧ୍ୟ ଝଡିପଡ଼ିଛି। ଏଠାରେ ଆମ୍ବ ଚାଷ ଭଲ ହୋଇପାରେ ନାହିଁ। ଏଠାକାର ବାଲିଆ ମାଟି। ଏଠାରେ ନଡ଼ିଆ ଚାଷ ବହୁତ ଭଲ ହୁଏ। ଆମର ୨୮୫ଟି ନଡ଼ିଆ ଗଛ ରହିଛି। ଦୁଇ ପୁରୁଷ ଧରି ଆମର ନଡ଼ିଆ ଚାଷ ହୋଇଆସୁଛି। ଦିଲ୍ଲୀ, ଟାଟା ଆଦି ସ୍ଥାନକୁ ଆମ ନଡ଼ିଆ ବିକ୍ରି କରାଯାଉଛି। ସେଥିପାଇଁ ଏଠାରେ ଫଳମାନଙ୍କ ରାଜା ଆମ୍ବ ନୁହେଁ ବରଂ ନଡ଼ିଆ କହିପାରିବା ବୋଲି ବାଲିଆପାଳ ବ୍ଲକ ଡଗରା ଅଞ୍ଚଳର ଚାଷୀ ଅନନ୍ତ ରାଉତ କହିଛନ୍ତି। 'ବାଲେଶ୍ୱରକୁ ଧାନ, ପାନ ଓ ମୀନର ସହର କୁହାଯାଏ। ସେଥିପାଇଁ ଅଧିକ ଲୋକ ଏହି ତିନୋଟି ଚାଷ ଉପରେ ନିର୍ଭରଶୀଳ। ବହୁତ କମ୍ ଚାଷୀ ଆମ୍ବ ଚାଷ କରନ୍ତି ବାଲେଶ୍ୱରରେ। ଆମ୍ବ ଚାଷ ପାଇଁ ସୁବିଧା ଅଛି ସତ ହେଲେ ମୟୂରଭଞ୍ଜ, କୋରାପୁଟ ପରି ବାଲେଶ୍ୱରର ମାଟି ମଧ୍ୟ ଆମ୍ବ ଚାଷ ପାଇଁ ବିଶେଷ ଉପଯୋଗୀ ନୁହେଁ। ଏହା ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ। ସେଥିପାଇଁ ଏଠାରେ ଆମ୍ବ ଭଲ ଉତ୍ପାଦନ ହୁଏ ନାହିଁ। ସେଥିପାଇଁ ଟାର୍ଗେଟ ପ୍ରତିବର୍ଷ ଆସେ। ଚାଷୀ ଧାନ ପରେ ପାନ, ମୀନ ଓ ପରିବା ଚାଷ କରନ୍ତି। କିନ୍ତୁ ଫଳ ଭିତରେ ବାଲେଶ୍ୱରରେ ଅଧିକ ନଡ଼ିଆ ଚାଷ କରୁଛନ୍ତି। କାରଣ ଏହି ମାଟି ନଡ଼ିଆ ଚାଷ ପାଇଁ ଉପକୂଳ ବୋଲି ଡିଡିଏଚ ତପନ ମହାନ୍ତି କହିଛନ୍ତି।



**ସୁବିଧା ଅଛି, ମନ ବଳାଉନାହାନ୍ତି ଚାଷୀ**

## ଉଦୟପୁର ବେଳାଭୂମିରୁ ମଦ ଜବତ, ୨ ଗିରଫ

ଚନ୍ଦନେଶ୍ୱର, ୧୯।୪ (ସମିସ) : ରାଜ୍ୟର ଅନ୍ୟତମ ପ୍ରମୁଖ ମନରୋମ ବେଳାଭୂମି ବାଲେଶ୍ୱର ଜିଲ୍ଲା ଭୋଗରାଇର ଉଦୟପୁର ବେଳାଭୂମିରେ ଶୁକ୍ରବାର ସନ୍ଧ୍ୟାରେ ଅବକାରୀ ବିଭାଗର ଏକ ୪୦ ଜଣିଆ ଟିମ ଅଚାନକ ଚଢ଼ଉ କରିଥିଲେ। ଏଥିରେ ୪ଗାଡି ମଦ ଜବତ ହେବା ସହିତ ୨ବେପାରୀ ଗିରଫ ହୋଇଥିବା ଜଣା ପଡ଼ିଛି। ଏହି ଖବର ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଅସାମାଜିକ କାର୍ଯ୍ୟ ଓ ନିଶା ବେପାରର ହବ ପାଲଟିଛି ଉଦୟପୁର ବେଳାଭୂମି। ପାଖରେ ତାଳସାରୀ ସାମୁଦ୍ରିକ ଥାନା ରହିଥିଲେ ମଧ୍ୟ ମାଫିଆ ମାନେ ବେଶ ଆରାମରେ ଏହି କାରବାର ଚଳାଇ ଆସୁଛନ୍ତି। ବର୍ଷ ବର୍ଷ ଧରି ଚାଲି ଆସୁଥିବା ଦେହ ବେପାରକୁ ପ୍ରାୟ ୬ମାସ ପୂର୍ବରୁ ଜିଲ୍ଲା ପ୍ରଶାସନର ସହଯୋଗରେ ମୂଳୋତ୍ପାଟନ କରା ଯାଇଥିବା ବେଳେ ନିଶା କାରବାର କିନ୍ତୁ ବନ୍ଦ ହୋଇ ନ ଥିଲା। ବେଳାଭୂମିରେ ପଶ୍ଚିମବଙ୍ଗ ମାର୍କା ଚୋରା ମଦର ବନ୍ୟା ହେବା ସହିତ ହୁକା ଓ ଅନ୍ୟାନ୍ୟ ନିଶା ବେପାର ହେଉଥିଲା। ତେବେ ଶୁକ୍ରବାର ସନ୍ଧ୍ୟାରେ ବେଳାଭୂମିରେ ପର୍ଯ୍ୟଟକ ଫାଙ୍କା ଥିବା ସହିତ ଶନିବାର ପାଇଁ ମାଫିଆ ମାନେ ମଦ ଗଚ୍ଛିତ କରି ରଖିଥିଲେ। ନିର୍ବାଚନ ଆଚରଣ ବିଧିକୁ ଦୃଷ୍ଟିରେ ରଖି ଅବକାରୀ ବିଭାଗର ଡେପୁଟି ସୁପରିଟେଣ୍ଡେଟ ସିଏଚ ତିରୁପତିଙ୍କ ନେତୃତ୍ୱରେ ଅଚାନକ ଚଢାଉ କରାଯାଇଥିଲା। ଏଥିରେ ଜଳେଶ୍ୱର ଅବକାରୀ ଇନ୍ସପେକ୍ଟର କୃଷ୍ଣଚନ୍ଦ୍ର ପରିଚ୍ଛା, ମୋବାଇଲ ଇନ୍ସପେକ୍ଟର ରଞ୍ଜିତ କୁମାର ବାଗଲା, ଭୋଗରାଇ ଓଆଇସି ରଞ୍ଜନ ଦାସ, ମୋବାଇଲ ଓଆଇସି ଭକ୍ତ ବସ୍ତଳ ସାଇଁ, ଜଳେଶ୍ୱର ଓଆଇସି ବିଜୟ ଲାକ୍ରା, ଏଏସଆଇ ପ୍ରହଲ୍ଲାଦ ବିଶ୍ୱାଳ ପ୍ରମୁଖ ସାମିଲ ଥିଲେ।

## ଅଟୋ ଧକ୍କାରେ ସାଇକଲ ଚାଳକ ମୃତ

ସୋର, ୧୯।୪(ସମିସ): ସୋର କୁପାରୀ ରାସ୍ତା ରାଜବନ୍ଧ ଛକ ନିକଟରେ ଶୁକ୍ରବାର ସକାଳେ ଏକ ଅଟୋ ସାଇକଲକୁ ଧକ୍କା ଦେବା ଫଳରେ ସୋର ମେଡିକାଲରେ ସାଇକଲ ଚାଳକଙ୍କ ମୃତ୍ୟୁ ହୋଇଯାଇଛି। ହେଁସଗୁଡା ଗ୍ରାମର ଜଗବନ୍ଧୁ ବାରିକ ସାଇକେଲ ଯୋଗେ ଆଟପୁର ଗ୍ରାମକୁ କୌଣସି କାମରେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ଅଟୋ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଜଗବନ୍ଧୁ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ମେଡିକାଲକୁ ଆଣିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ସୋର ଥାନା ଏଏସଆଇ ସଂଗ୍ରାମ ବେହେରା ମେଡିକାଲରେ ପହଞ୍ଚି ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ତେବେ ପୁଲିସ ଦୁର୍ଘଟଣା ଘଟାଇଥିବା ଅଟୋ ଜବତ କରିଛି।

## ସାପ କାମୁଡ଼ାରେ ବୃଦ୍ଧ ମୃତ

ସୋର, ୧୯।୪ (ସମିସ): ବାଲେଶ୍ୱରରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର ବେଳେ ସୋର ମେଡିକାଲରେ ଜଣେ ସାପ କାମୁଡା ରୋଗୀଙ୍କ ମୃତ୍ୟୁ ହୋଇଯାଇଛି। ବୈଶିଙ୍ଗା ଥାନା ଆମ୍ବ ଗଡ଼ିଆ ଗ୍ରାମର ବସନ୍ତ କୁମାର ଦାସ(୬୦) ଗତକାଲି ମଧ୍ୟାହ୍ନରେ ବିଲକୁ ଯାଇଥିଲେ। ସେଠାରେ ତାଙ୍କୁ ଏକ ବିଷଧର ସାପ କାମୁଡିଥିଲା। ଫଳରେ ପରିବାର ଲୋକେ ତାଙ୍କୁ ପ୍ରଥମେ ବୈଶିଙ୍ଗା ଏବଂ ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଗତକାଲି ବିଳମ୍ବିତ ରାତିରେ ତାଙ୍କ ଅବସ୍ଥା ଅତି ଗୁରୁତର ହେବାରୁ ଡାକ୍ତର ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ପରିବାର ଲୋକେ ତାଙ୍କୁ ଏକ ୧୦୮ ଆମ୍ବୁଲାନ୍ସରେ କଟକ ନେଉଥିବା ବେଳେ ଉତ୍ତରେଶ୍ୱର ନିକଟରେ ତାଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ୧୦୮ କର୍ମଚାରୀ ମାନେ ତାଙ୍କୁ ସୋର ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୋର ପୁଲିସ ମେଡିକାଲରେ ପହଞ୍ଚି ଏକ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ମଥାନୀ ଦାସ ସାହି ଓ ପାତ୍ର ସାହିରେ ଜଳକଷ୍ଟ

ରାଜଘାଟ, ୧୯।୪ (ସମିସ): ପ୍ରବଳ ଗ୍ରୀଷ୍ମ ପ୍ରବାହ ରାଜ୍ୟବାସୀଙ୍କୁ ଅସ୍ତବ୍ୟସ୍ତ କରିପକାଇଛି। ବସ୍ତା ବ୍ଲକ ମଥାନୀ ପଞ୍ଚାୟତ ସାନଖୁଡି ଗ୍ରାମରେ ପାନୀୟ ଜଳପାଇଁ ଗାଁ ଲୋକେ ହନ୍ତସନ୍ତ ହେଉଛନ୍ତି। ମଥାନୀ ପଞ୍ଚାୟତ ଅଫିସ ନିକଟରେ ବସୁଧା ଯୋଜନାରେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ହୋଇ କାର୍ଯ୍ୟକ୍ଷମ ପାଇଁ ପାଇପ ସାନଖୁଡିକୁ ସଂଯୋଗ ହୋଇଥିଲେ ମଧ୍ୟ ପାଣି ତଳସ୍ତରରୁ ଉପରକୁ ଉଠିପାରୁନାହିଁ। ଯାହାଫଳରେ ସାନଖୁଡି ଦାସ ସାହି ଓ ପାତ୍ରସାହି ଲୋକେ ପାଣି ମୁନ୍ଦାଏ ପାଇବାରୁ ବଞ୍ଚିତ ହେବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସେହିଭଳି ପଞ୍ଚାୟତ ପକ୍ଷରୁ ଦିଆଯାଇଥିବା ୨ଟି ଟିଉବେଲ ଭୂତଳ ଜଳସ୍ତର କମି ଯିବାରୁ ଅଚଳ ଅବସ୍ଥାରେ ଦୀର୍ଘଦିନରୁ ରହିଛି। ଏ ନେଇ ଗ୍ରାମବାସୀ ଅନେକଥର ସ୍ଥାନୀୟ ସରପଞ୍ଚ ମମତାରାଣୀ ସିଟ ଓ ବସ୍ତା ବିଡିଓ ମୋହିନୀ କୁମାର ନାୟକଙ୍କ ନିକଟରେ ଅଭିଯୋଗ କରି ନୟାନ୍ତ ହୋଇ ଗଲେଣି ବୋଲି ଗ୍ରାମର ନରେନ୍ଦ୍ର ପାତ୍ର, ସଉେନ୍ଦୁ ଦାସ, ମଧୁସୁଦନ ଦାସ, ଚୈତନ୍ୟ ଦାସ, ଶଚିନ୍ଦ୍ର ପାତ୍ର, ରାଜୀବ ମହାପାତ୍ର, ଅଜୟ ମହାନ୍ତି, ରବୀନ୍ଦ୍ର ଦାସ, ଦେବବ୍ରତ ମହାପାତ୍ର କହିଛନ୍ତି। ମାତ୍ର ସମସ୍ୟାର ସମାଧାନ ହୋଇ ନ ପାରିବାରୁ ପିଇବା ପାଣି ପାଇଁ ଲୋକେ ଗାଡିଆ ଓ ନଦୀରୁ ପାଣି ନେଇ ଜୀବନ ବଞ୍ଚାଉଛନ୍ତି। ପିଇବା ପାଣି ଯୋଗାଇ ଦେବାକୁ ଜିଲ୍ଲାପାଳ ଯଥାଶିଘ୍ର ପଦକ୍ଷେପ ନିଅନ୍ତୁ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

## ବାବା ନୀଳକଣ୍ଠେଶ୍ୱର ମହାଦେବଙ୍କ ଚଡ଼କ ପର୍ବ



ଚୌକି, ୧୯।୪(ସମିସ) : ଭୋଗରାଇ ବ୍ଲକ କୁମ୍ଭାରମୁଳି ପଞ୍ଚାୟତ ଅନ୍ତର୍ଗତ ଚୌକି ଗ୍ରାମରେ ବାବା ନୀଳକଣ୍ଠେଶ୍ୱର ମହାଦେବଙ୍କ ଚଡ଼କ ପର୍ବ ଅନୁଷ୍ଠିତ ହୋଇଯାଇଛି। ଜଳେଶ୍ୱର ଚନ୍ଦନେଶ୍ୱର ୫୭ ନମ୍ବର ରାଜ୍ୟ ରାଜପଥରେ ଥିବା ଚୌକି ହାଟରେ ଥିବା ବାବା ନୀଳକଣ୍ଠେଶ୍ୱର ମହାଦେବଙ୍କ ମନ୍ଦିରରେ ୧୯ ଏପ୍ରିଲ ଶୁକ୍ରବାର ଦିନ ଚଡ଼କ ପର୍ବ ମହା ଆଡ଼ମ୍ବରରେ ପାଳିତ ହୋଇଥିଲା। ପ୍ରଥମେ ମନ୍ଦିରର ପୂଜାରୀ ସୁରେନ୍ଦ୍ର ପଣ୍ଡା ପାଟ ଭକ୍ତାଙ୍କୁ ବ୍ରତ ଧାରଣ କରିଥିଲେ। ମନ୍ଦିରର ପାଟଭକ୍ତା ଅନିଲ ମାହାନାଙ୍କ ନିର୍ଦ୍ଦେଶନାରେ ୧୧ ଦିନ ଶହ ଶହ ଭକ୍ତ ବ୍ରତ ଧାରଣ କରିଥିଲେ। ଏପ୍ରିଲ ୧୯ ତାରିଖ ଶୁକ୍ରବାର ସେଷ ଅର୍ଘ୍ୟ ବା ପାଟପର୍ବରେ ପ୍ରଥମେ ବୋଗା ଗ୍ରାମସ୍ଥିତ ଚଣ୍ଡୀ ମନ୍ଦିର ପାର୍ଶ୍ୱରେ ହାକାଣ୍ଡ ପୋଖରୀରୁ ଭକ୍ତ ମାନେ ଜିଭ, ଅଣ୍ଟା, ହାତ, ଛାତିରେ କଣ୍ଟାମାରି ନାଚି ନାଚି ଏକ କିଲୋମିଟର ଖାଲି ପାଦରେ ଚାଲି ମନ୍ଦିର ପରିକ୍ରମଣ କରିଥିଲେ। ବହୁ ଭକ୍ତ ବିଭିନ୍ନ ମନୋରଞ୍ଜନ ପାଇଁ ପୋଉଚ ମୁଣ୍ଡିଆକୁ କାନ୍ଧରେ ବହି ଆଣି ମନ୍ଦିର ପରିକ୍ରମା କରିଥିଲେ। ଶେଷରେ ପାଟଭକ୍ତା ଅର୍ଘ୍ୟ ପାଣି ପ୍ରଦାନ କରିଥିଲେ। ଚୌକି ଗ୍ରାମବାସୀ ରଞ୍ଜନ ଜେନା, ବଳରାମ ଜେନା, ଅଜିତ୍ ପଣ୍ଡା, ରମାନାଥ ପଣ୍ଡା, ସୁସାନ୍ତ ଜେନା, ପ୍ରଦୀପ ଆଧେକ ଆଦି ବହୁ ସଂଖ୍ୟକ ଲୋକ ଚଡ଼କ ପର୍ବ ପରିଚାଳନା କରିଥିଲେ।

## ରଘୁନାଥ କଲ୍‌ଚୁରାଲ କ୍ଲବ ପକ୍ଷରୁ ଜଳଛତ୍ର




ଶ୍ରଦ୍ଧାପୁର, ୧୯।୪ (ସମିସ): ଭୋଗରାଇ ବ୍ଲକ କାନ୍ଥଭଉଁରୀ ପଞ୍ଚାୟତର ରଣସିଂହପୁର ଗ୍ରାମର ରଘୁନାଥ କାଲଚୁରାଲ କ୍ଲବ ପକ୍ଷରୁ ଶ୍ରଦ୍ଧାପୁର ହାଟ ପ୍ରାଙ୍ଗଣରେ ଅନୁଷ୍ଠିତ ହେଇଥିବା ସାର୍ବଜନୀନ ବାସନ୍ତୀ ଦୁର୍ଗାଦେବୀଙ୍କ ପୂଜୋତ୍ସବର ବୁଧବାର ଦିନ ଦେବୀଙ୍କର ନବମୀ ବିହିତ ପୂଜା ଅବସରରେ ବିଭିନ୍ନ ସ୍ଥାନରୁ ଶହ ଶହ ମହିଳା ବ୍ରତଧାରୀ ଓ ଶ୍ରଦ୍ଧାଳୁଙ୍କ ପାଇଁ ଜଳଛତ୍ର ଦାନ ଶିବିର କ୍ଲବ ପକ୍ଷରୁ ଆୟୋଜନ କରାଯାଇଥିଲା। କ୍ଲବର ସଭାପତି ଭୁବନ ଚନ୍ଦ୍ର ପାତ୍ର, ସମ୍ପାଦକ ଭଗିରଥ ଚନ୍ଦ, କୋଷାଧ୍ୟକ୍ଷ ଗୌରାଙ୍ଗ ଗିରି, ସଦସ୍ୟ ପ୍ରଦୀପ ପାତ୍ର, ମନୋରଞ୍ଜନ ବେହେରା, ବିନୋଦିନୀ ପ୍ରଧାନ, ବଳଭଦ୍ର ଜେନା, ଅନିରୁଦ୍ଧ ମହାନ୍ତି, ବିଜୟ ମହାନ୍ତି ପ୍ରମୁଖ ଓ ଅନ୍ୟମାନେ ଜଳଛତ୍ର ଦାନ ଶିବିର ପରିଚାଳନା କ୍ଷେତ୍ରରେ ସହଯୋଗ କରିଥିଲେ।

## ପୋଖରୀରେ ବୃଦ୍ଧଙ୍କ ସଲିଳସମାଧି

ଭୋଗରାଇ, ୧୯।୪ (ସମିସ): ପ୍ରବଳ ଗ୍ରୀଷ୍ମପ୍ରବାହ ଓ ଗୁଳୁଗୁଳିରୁ ଆରାମ ପାଇବା ପାଇଁ ଦୀର୍ଘ ସମୟ ପୋଖରୀ ପାଣିରେ ବସିଥିବା ଜନୈକ ବୃଦ୍ଧଙ୍କ ଅସାବଧାନତା ବଶତଃ ପାଣିରେ ବୁଡି ମୃତ୍ୟୁ ହୋଇଛି। ମୃତ ବୃଦ୍ଧ ଜଣକ ହେଲେ ଭୋଗରାଇ ବ୍ଲକ କମର୍ଦ୍ଦା ଥାନା ଅନ୍ତର୍ଗତ ପୁଟିଣା ଗ୍ରାମର ଖଗେନ୍ଦ୍ର ଘଡେଇ (୬୫)। ସୂଚନା ମୁତାବକ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ ଟା ସମୟରେ କୌଣସି ଏକ କାର୍ଯ୍ୟ ଶେଷ କରି ଖଗେନ୍ଦ୍ର ଘରକୁ ଫେରିବା ସମୟରେ ପ୍ରବଳ ଗ୍ରୀଷ୍ମପ୍ରବାହ ଓ ଗୁଳୁଗୁଳି ସହ୍ୟ କରି ନପାରି ବିଲ ପାଖ ଏକ ପୋଖରୀ ପାଣିରେ ପଶି ଦୀର୍ଘ ସମୟ ବସି ରହିଥିଲେ। ବହୁ ସମୟ ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ଖଗେନ୍ଦ୍ର ପୋଖରୀକୁ ଗାଧୋଇବା ପାଇଁ ଯାଇଥିବା ବିଷୟରେ ଜନୈକ ବ୍ୟକ୍ତିଙ୍କ ଠାରୁ ଖବର ପାଇ ପରିବାର ଲୋକେ ସେହି ବିଲ ପୋଖରୀ ପାଖରେ ପହଞ୍ଚି ତାଙ୍କୁ ଖୋଜାଖୋଜି କରିଥିଲେ। ହେଲେ ତାଙ୍କୁ ଖୋଜି ପାଇନଥିଲେ। ଅପରାହ୍ନରେ ଗାଁ ଲୋକେ ପୋଖରୀ ପାଣିରେ ପଶି ଖୋଜାଖୋଜି କରି ପାଣି ଭିତରୁ ଚେତାଶୂନ୍ୟ ଅବସ୍ଥାରେ ଖଗେନ୍ଦ୍ରକୁ ଉଦ୍ଧାର କରି ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ କମର୍ଦ୍ଦା ଥାନା ପୁଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଶନିବାର ସକାଳେ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ ସୂଚନା ଦେଇଛି।

## ଆଦର୍ଶ ଜଳଛତ୍ର କେନ୍ଦ୍ର ଉଦ୍‌ଘାଟିତ



ସୋର, ୧୯।୪(ସମିସ): ସୋରର ଅଗ୍ରଣୀ ସାମାଜିକ ସ୍ୱେଚ୍ଛାସେବୀ ସଂଗଠନ ଆଦର୍ଶ ଯୁବ ପରିଷଦ ତରଫରୁ ପ୍ରଚଣ୍ଡ ରୌଦ୍ରତାପରେ ତୃଷା ନିବାରଣ କରିବା ପାଇଁ ସୋର ବସ୍‌ଷ୍ଟାଣ୍ଡରେ ଜଳଛତ୍ର ଆରମ୍ଭ କରିଥିବାବେଳେ ସୋର ତହସିଲଦାର ଏସକେ ସାଗୀର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ତହସିଲଦାର ଜନସାଧାରଣଙ୍କୁ ଦହି ସର୍ବତ ବଣ୍ଟନ କରିଥିବା ଦେଖିବାକୁ ମିଳିଥିଲା। ଏହି ଜଳ ଦାନ ପରିପ୍ରେକ୍ଷୀରେ ବିଭିନ୍ନ ସ୍ୱାସ୍ଥ୍ୟ ପ୍ରଦକ ଉପାଦାନ ମିଶ୍ରିତ ଥଣ୍ଡା ଦହି ସର୍ବତ ଓ ଥଣ୍ଡା ପାନୀୟ ତୃଷାର୍ତ୍ତ ଜନସାଧାରଣଙ୍କୁ ପ୍ରଦାନ କରାଯାଇଥିଲା। ଏହି କେନ୍ଦ୍ରକୁ ଉଦଘାଟନ କରିବା ଅବସରରେ ସୋର ତହସିଲଦାର ଅତ୍ୟନ୍ତ ଖୁସି ବ୍ୟକ୍ତ କରିବା ସହ ଆଗାମୀ ଦିନରେ ବିଭିନ୍ନ ପ୍ରକାର ତୃଣ ମୂଳ ସ୍ତରୀୟ ସାମାଜିକ କାର୍ଯ୍ୟକ୍ରମ କରିବା ପାଇଁ ପରିଷଦକୁ ଆଗେଇ ଆସିବାକୁ ଶୁଭେଚ୍ଛା ସହ ପରାମର୍ଶ ଦେଇଥିଲେ। ପରିଷଦ ତରଫରୁ ସୋର ଫିଜିକାଲ ଏକାଡେମୀର ଶିକ୍ଷାର୍ଥୀଙ୍କ ଦ୍ୱାରା ସ୍ୱାଗତ ଅଭିବାଦନ ସହ ପରିଷଦର ସଦସ୍ୟ ସଦସ୍ୟା ପୁଷ୍ପଗୁଚ୍ଛ ଦେଇ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ପରିଷଦ ସଭାପତି ପୃଥିବୀ ବେହେରା ଆଗାମୀ ଦିନରେ ସୋରର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ଆଉ କିଛି ଜଳଛତ୍ର କେନ୍ଦ୍ର ଖୋଲା ଯାଇ ଜନସାଧାରଣଙ୍କୁ ଜଳଦାନ କରାଯିବ ଓ ଆଦର୍ଶ ଜଳ ଛତ୍ର ଅଭିଯାନ ଜାରି ରହିବ ବୋଲି ସୂଚନା ପ୍ରଦାନ କରିଥିଲେ। ପ୍ରଚଣ୍ଡ ରୌଦ୍ର ତାପକୁ ଖାତିର ନକରି ଏହି କାର୍ଯ୍ୟକ୍ରମ ରେ ପରିଷଦ ତରଫରୁ ବିପୁଳ ସଂଖ୍ୟା ରେ ସଦସ୍ୟ ସଦସ୍ୟା ମାନେ ଓ ଫିଜିକାଲ ଏକାଡେମୀର ନିର୍ଦ୍ଦେଶକ ଓ ଶିକ୍ଷାର୍ଥୀ ମାନେ ସମ୍ପୂର୍ଣ୍ଣ ରୂପେ ସହଯୋଗ କରିଥିବାରୁ ପରିଷଦର ସମ୍ପାଦକ ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ୟୁଏନ୍ କଲେଜ ଅର୍ଥନୀତି ବିଭାଗର ପାଠଶାଳା



ସୋର, ୧୯।୪(ସମିସ): ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟ ଅର୍ଥନୀତି ଅନର୍ସ ବିଭାଗର ଏକ ପାଠଶାଳା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଗଜେନ୍ଦ୍ର କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ବିଭାଗୀୟ ମୁଖ୍ୟ ସୂର୍ଯ୍ୟକାନ୍ତ ମହାନ୍ତି ଏହି କାର୍ଯ୍ୟକ୍ରମ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ସୁଶାନ୍ତ କୁମାର ମହାକୁଡ଼ ଏବଂ ସୋନାଲି ସେଠୀ ପିଲାମାନଙ୍କ ଭବିଷ୍ୟତ ଗଠନ ଏବଂ ଶୃଙ୍ଖଳିତ ଅଧ୍ୟୟନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀଙ୍କ ତରଫରୁ ବିଦାୟୀ ବର୍ଷର ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶେଷରେ ଛାତ୍ର ଶୁଭଙ୍କର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଛାତ୍ରଛାତ୍ରୀ ରଞ୍ଜିତ ସେଠୀ, ରଞ୍ଜନ ମାନ୍ନା, ରେହେନା ବେଗମ୍, ପ୍ରଭାସିନୀ ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ଶୋଭାରାମପୁରରେ ମା' ଅନ୍ଧାରୀ ମଙ୍ଗଳାଙ୍କ ବାର୍ଷିକ ମହୋତ୍ସବ

ବାଲେଶ୍ୱର, ୧୯।୪(ସମିସ):



ଶୋଭାରାମପୁରଠାରେ ଚାରିଦିନ ଧରି ଆୟୋଜିତ ହେବାକୁ ଥିବା ଧରି ମା' ଅନ୍ଧାରୀ ମଙ୍ଗଳାଙ୍କ ବାର୍ଷିକ ମହୋତ୍ସବ ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ଗୁରୁବାର ସକାଳେ ମହିଳାମାନଙ୍କ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶତାଧିକ ମହିଳା ସ୍ଥାନୀୟ ବୁଢାବଳଙ୍ଗ ନଦୀର ବାଲିଘାଟ ନିକଟରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ମହିଳାମାନଙ୍କ କଳସ ଶୋଭାଯାତ୍ରା ସହର ପରିକ୍ରମା ସହ ଶୋଭାରାମପୁରସ୍ଥିତ ମା'ଙ୍କ ମନ୍ଦିର ନିକଟରେ ପହଞ୍ଚିଥିଲା। ପରେ ଅଙ୍କୁରା ରୋପଣ, ବିଗ୍ରହମାନଙ୍କର ଶସ୍ୟାଭିଷେକ ଓ ଅଧିବାସ କାର୍ଯ୍ୟକ୍ରମ କରାଯାଇଥିଲା। ଶୁକ୍ରବାର ଯଜ୍ଞ ମଣ୍ଡପରେ ଶ୍ରୀ ବିଗ୍ରହଙ୍କ ପୂଜାରମ୍ଭ ସହିତ ଯଜ୍ଞାଦିକର୍ମକାଣ୍ଡ ଆରମ୍ଭ ହୋଇଥିଲା। ଏଥିରେ ନିର୍ମଳା ବେହେରା ଓ ଜଳଧର ବେହେରା ସଂକଳ୍ପୀ ଭାବେ ଯଜ୍ଞ ମଣ୍ଡପରେ ଉପବିଷ୍ଟ ଥିଲେ। ପୂର୍ଣ୍ଣଚନ୍ଦ୍ର ମିଶ୍ର, ଉମେଶ ଚନ୍ଦ୍ର ପଣ୍ଡା, ନିତ୍ୟାନନ୍ଦ ପାଢ଼ି, ସଞ୍ଜୟ ଦାଶ, ବିରଞ୍ଚି ନାରାୟଣ ମିଶ୍ର ପ୍ରମୁଖ ବେଦଜ୍ଞ ବ୍ରାହ୍ମଣ ଘୃତ ଯଜ୍ଞ ସହିତ ମା'ଙ୍କ ଷୋଡଶ ଉପଚାର ପୂଜାନୀତି ସମ୍ପାଦନା କରୁଛନ୍ତି। ୧୯୯୧ ମସିହା ବୈଶାଖ ମାସ ଶୁକ୍ଳ ପକ୍ଷ ଦଶମୀ ତିଥିରେ ମା'ଙ୍କର ଆବିର୍ଭାବ ହୋଇଥିଲେ। ଆଜକୁ ୩୪ ବର୍ଷ ଧରି ସେହି ତିଥିରେ ମା'ଙ୍କ ବାର୍ଷିକ ଉତ୍ସବ ପାଳିତ ହୋଇ ଆସୁଛି। ସେହିକ୍ରମରେ ଚଳିତବର୍ଷ ମଧ୍ୟ ମହା ଆଡମ୍ବର ସହକାରେ ବାର୍ଷିକ ଉତ୍ସବ ପାଳିତ ହେଉଥିବା ବେଳେ ରବିବାର ମହାଯଜ୍ଞରେ ପୂର୍ଣ୍ଣାହୂତି ପ୍ରଦାନ ହେବ ବୋଲି ଉତ୍ସବ ଆୟୋଜନ କମିଟି ସଦସ୍ୟ କୃତିବାସ ପଟ୍ଟନାୟକଙ୍କ ସୂଚନା ଦେଇଛନ୍ତି। ଏହି ଅବସରରେ ଭକ୍ତମାନଙ୍କ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିବା ସେ କହିଥିଲେ। ସୋମବାର ବିସର୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଶ୍ରୀ ପଟ୍ଟନାୟକ ସୂଚନା ଦେଇଥିଲେ। ଭକ୍ତବନ୍ଧୁ ନାୟକ, ସଞ୍ଜୟ କୁମାର ବେହେରା, ରାଜଶ୍ରୀ ପଟ୍ଟନାୟକ, ଶଶାଙ୍କ ଶେଖର ପ୍ରଧାନ, ସଞ୍ଜୟ କୁମାର ଦାସ, ନାରାୟଣ ପ୍ରସାଦ ପାଲ, ସୁଶାନ୍ତ କୁମାର ସ୍ୱାଇଁ, ମୃତ୍ୟୁଞ୍ଜୟ ବେହେରା, ଗଣେଶକିଙ୍କର ଦତ, ସୁରଜିତ ମାଇତି, ଦେବାନନ୍ଦ ପାଲ, ବିଶ୍ୱଜିତ ମାଇତି, ସୁଧାଂଶୁ କୁମାର ପତି, ରମେଶ ଚନ୍ଦ୍ର ଅଗସ୍ତୀ, ଅଶୋକ କୁମାର ଦାସ, ସୁଶାନ୍ତି ନାୟକ, ଚନ୍ଦ୍ରକାନ୍ତୀ ଅଗସ୍ତୀ, ଅଜୟ ବେହେରା, ମନ୍ମଥ ସ୍ୱାଇଁ ପ୍ରମୁଖ ଏହି ପାଞ୍ଚ ଦିନିଆ ବାର୍ଷିକ ଉତ୍ସବର ସମସ୍ତ କାର୍ଯ୍ୟ ପରିଚାଳନା କରୁଛନ୍ତି।

# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଜଳେଶ୍ୱର ବ୍ଲକ, ୧୯।୪ (ସମିସ): ମୋବାଇଲ ଫୋନ ହେଲା କାଳ, ପାରିବାରିକ କଳହ ପରେ ସ୍ୱାମୀର ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ଜଳେଶ୍ୱର ଥାନା ଅଲାଲପୁର ଗ୍ରାମରେ ଅଭାବନୀୟ ଘଟଣା ଘଟିଛି। ସୂଚନା ଅନୁସାରେ ଅଲାଲପୁର ଗ୍ରାମର ଅମିତ କୁମାର ସେଠୀ, ସ୍ତ୍ରୀ ରୀତାରାଣୀ ଦାସ ଏବଂ ଏକମାତ୍ର ଝିଅକୁ ନେଇ ସଂସାର କରିଥିବା ବେଳେ ଆଜି ଦିନ ୧.୩୦ ମିନିଟ ସମୟରେ ମୋବାଇଲ ଫୋନକୁ ନେଇ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଝଗଡ଼ା ହୋଇଥିଲା। ଏହାକୁ ନେଇ ସ୍ୱାମୀ ଅମିତ ସ୍ତ୍ରୀକୁ ମାରପିଟ କରିଥିଲେ। ଏଥିରେ ସ୍ତ୍ରୀ ରୀତା ମାଡ଼ ଭୟରେ ଗାଁ ଦାଣ୍ଡକୁ ପଳେଇ ଯାଇଥିଲେ। ତେବେ ପାଖାପାଖି ୪୫ ମିନିଟ ପରେ କିଛି ଲୋକଙ୍କ ସହାୟତାରେ ଘରକୁ ଆସିଥିବା ବେଳେ ଘରର ଗ୍ରୀଲରେ ତାଲା ପଡ଼ିଥିବାରୁ ତାଲା ଭାଙ୍ଗି ଘରେ ପ୍ରବେଶ କରିଥିଲେ। ଘର ଭିତର ରୋଷେଇ ଘରେ ଅମିତଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ଗ୍ରାମବାସୀଙ୍କ ସହାୟତାରେ ଉଦ୍ଧାର କରିଥିଲେ ମଧ୍ୟ ତାଙ୍କ ମୃତ୍ୟୁ ଘଟିଥିଲା। ଘଟଣା ନେଇ ଜଳେଶ୍ୱର ପୁଲିସ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଅଧିକ ତଦନ୍ତ ଜାରି ରଖିଛି।

# ନାବାଳିକାକୁ ଅସଦାଚରଣ, ଛେଚା ଖାଇଲେ ୩ ଯୁବକ

ଚୌକି, ୧୯।୪ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ଚନ୍ଦନେଶ୍ୱର ବଜାରରେ ଗୁରୁବାର ରାତିରେ ଗାଜିପୁର ଗ୍ରାମର ଜନୈକା ନାବାଳିକାକୁ ୩ ଜଣ ବଙ୍ଗୀୟ ଯୁବକ କମେଣ୍ଟ ମାରିବାରୁ ନାବାଳିକା ଝିଅଟି ଉତ୍କ୍ଷିପ୍ତ ହୋଇ ଉକ୍ତ ତିନିଜଣ ଯୁବକଙ୍କୁ ଚପଲରେ ପିଟିଥିଲା। ଏହା ଜାଣିପାରି ଘଟଣା ସ୍ଥଳରେ ଲୋକମାନେ ରୁଣ୍ଡ ହୋଇ ଉକ୍ତ ୩ ଜଣ ବଙ୍ଗୀୟ ଯୁବକଙ୍କୁ ଅଟକ ରଖିଥିଲେ। ଉକ୍ତ ତିନିଜଣ ଯୁବକ ମାନେ ହେଲେ ଦିଘା ଥାନା ଅନ୍ତର୍ଗତ ରାମପୁର ଗ୍ରାମର ସୁମିତ ଜେନା (୨୩), ପ୍ରଦୀପ ମାଇତି (୧୯) ଓ ସୌରଭ ଦେ (୧୯)। ଖବରପାଇ ତାଳସାରୀ ମେରାଇନ ଥାନା ପୁଲିସ ଘଟଣାସ୍ଥଳରୁ ଉକ୍ତ ୩ ଜଣ ଯୁବକଙ୍କୁ ଉଦ୍ଧାର କରି ଥାନାରେ ରଖି ଅଧିକ ପଚରାଉଚରା କରୁଛି।

## ଜଳେଶ୍ୱର ନିର୍ବାଚନ ମଣ୍ଡଳୀ

# ୨୫୩ ବୁଥ୍‌ରେ ଭୋଟଦେବେ ୨, ୫୨, ୪୫୭ ମତଦାତା

ଜଳେଶ୍ୱର ବ୍ଲକ, ୧୯।୪(ସମିସ):

ଚଳିତବର୍ଷ ଜଳେଶ୍ୱର ନିର୍ବାଚନ ମଣ୍ଡଳୀରେ ମୋଟ ୨୫୩ଟି ବୁଥ୍‌ରେ ୨୫୨୪୫୭ଜଣ ମତଦାତା ସେମାନଙ୍କ ମତଦାନ ସାବ୍ୟସ୍ତ କରିବେ। ଏଥିମଧ୍ୟରୁ ୧୨୮୫୦୯ ପୁରୁଷ ଥିବା ବେଳେ ୧୨୩୯୨୭ଜଣ ମହିଳା ଭୋଟର ରହିଥିବା ଜଣାଯାଇଛି। ଏମାନଙ୍କ ବ୍ୟତିତ ୨୧ଜଣ କିନ୍ନର ଚଳିତବର୍ଷ ଭୋଟ ଦେବେ ବୋଲି କୁହାଯାଇଛି। ସେମାନଙ୍କ ମଧ୍ୟରୁ ଚନ୍ଦ୍ରପୁର, ରାଜପୁର, ସରସୀଦା, ପାଣିଗ୍ରାହୀ-୧, ଆକାନା, ନମକନା, କାଦରାୟାଁ, ପଥଦୁର୍ଗା, ତାଡଦାରେ ଜଣେ ଲେଖାଏଁ କିନ୍ନର ଭୋଟ ଦେବା ଲାଗି ନାମ ଦରଜ ହୋଇଥିବା ବେଳେ ଜଳେଶ୍ୱର ପୌରପରିଷଦର ଝାଡେଶ୍ୱରପୁରରୁ ୧୨ଜଣ କିନ୍ନର ଭୋଟ ଦେବେ ବୋଲି ନାମ ଦରଜ ହୋଇଥିବା ଜଣାଯାଇଛି। ଏହା ବ୍ୟତିତ ୨୫୩ ବୁଥ୍‌ରୁ ବହୁ ବୁଥ୍‌ରେ ପୁରୁଷ ଭୋଟରଙ୍କ ଠାରୁ ମହିଳା ଭୋଟରଙ୍କ ସଂଖ୍ୟା ଅଧିକ ବୋଲି ଜଣାଯାଇଛି। ଏହା ଜଣାଯିବା ପରେ କିନ୍ନରଙ୍କ ୨୧ଟି ଭୋଟକୁ ହାତେଇବାଲାଗି ବିଭିନ୍ନ ମହଲରେ କସରତ ଆରମ୍ଭ ହୋଇଛି। ସେହିପରି ଅଧିକ ମହିଳା ଭୋଟ ଦେବା ବୁଥ୍ ଅଞ୍ଚଳରେ ମଧ୍ୟ କେତେକ ରାଜନେତା ସେମାନଙ୍କୁ ପ୍ରଭାବିତ କରିବାଲାଗି ପ୍ରଚେଷ୍ଟା ଜରି ରଖିଛନ୍ତି।

**ସ୍ଥିର ହୋଇପାରୁନି କଂଗ୍ରେସର ବିଧାୟକ ପ୍ରାର୍ଥୀ**

ଓଡ଼ିଶାରେ ୪ ପର୍ଯ୍ୟାୟରେ ଭୋଟଦାନର ବ୍ୟବସ୍ଥା ହୋଇଥିବା ବେଳେ ଆଜି ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଲାଗି ସ୍ଥାନ ମାନଙ୍କରେ ନାମାଙ୍କନ ଆରମ୍ଭ ହୋଇଛି। ୩୫ନଂ ଜଳେଶ୍ୱର ବିଧାନସଭା ନିର୍ବାଚନ ଲାଗି ୪ର୍ଥ ପର୍ଯ୍ୟାୟ ଜୁନ୍ ୧ରେ ଭୋଟଦାନର ତାରିଖ ଘୋଷଣା ହୋଇଥିବା ବେଳେ ଅଦ୍ୟାବଧି କଂଗ୍ରେସ ତା'ର ବିଧାୟକ ପ୍ରାର୍ଥୀ ଘୋଷଣା କରିନାହିଁ। ଏଠାରୁ ପୂର୍ବତନ ବିଧାୟକ ଦେବୀପ୍ରସନ୍ନ ଚନ୍ଦ ଓ ଗତ ୨ଟି ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ସୁଦର୍ଶନ ଦାସ ହକଦାର ଥିବା ବେଳେ କଂଗ୍ରେସ କାହାରି ନାମ ପ୍ରକାଶ କରିନାହିଁ। ୨୦୦୯ରୁ ୨୦୧୪ ଯାଏ ଦେବୀ ପ୍ରସନ୍ନ ଚନ୍ଦ ବିଧାୟକ ଥିଲେ। ସ୍ୱାଧିନତା ପରଠାରୁ ଅଦ୍ୟାବଧି ୯ଥର ଜଳେଶ୍ୱର ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ଜିଣିଛି। ଏବେ ପ୍ରାର୍ଥୀ ନିର୍ଣ୍ଣୟ ହୋଇପାରୁନଥିବାରୁ ପଞ୍ଚାୟତ ଓ ସହରାଞ୍ଚଳରେ ଥିବା କର୍ମୀ ଓ ଭୋଟରମାନେ ସିଦ୍ଧାନ୍ତରେ ଉପନୀତ ହୋଇ ପାରୁନାହାନ୍ତି। ଏପରିସ୍ଥଳରେ କେତେକ ସ୍ଥାନରେ କଂଗ୍ରେସ କର୍ମୀ ଦୋଛକିରେ ରହିଛନ୍ତି।



# ଚକଫୁଲବଣୀ ଓ ବାରବାଟିଆରେ ସାର୍ବଜନୀନ ବାସନ୍ତୀକ ଦୁର୍ଗାପୂଜା

ଚନ୍ଦନେଶ୍ୱର, ୧୯।୪(ସମିସ) : ବାଲେଶ୍ୱର ଜିଲ୍ଲା ଭୋଗରାଇର ଟୁକୁରୀହାଜିରା ପଞ୍ଚାୟତ ଅଧୀନ ଚକଫୁଲବଣୀ ଓ ବାରବାଟିଆ ଗାଁକୁ ନେଇ ଚକଫୁଲବଣୀ ଠାରେ ସାର୍ବଜନୀନ ବାସନ୍ତୀକ ଦୁର୍ଗାପୂଜା ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ପରମ୍ପରା ସମରଭ୍ୟାସ ବା ସମର ଗମନ ପୂର୍ବରୁ ମାଁ ଦୁର୍ଗାଙ୍କୁ ପୂଜନ କରାଯାଇ ଆସୁଛି। ଏଣୁ ରାମଚନ୍ଦ୍ର ଏହି ପରମ୍ପରାକୁ ଅନୁସରଣ କରି ଲଙ୍କା ଗମନ ପୂର୍ବରୁ ଚୈତ୍ର ଶୁକ୍ଳ ଦଶମୀ ଦିନ ଏ ସମର ଦେବୀଙ୍କୁ ପୂଜା କରିଥିଲେ ବୋଲି ପୌରାଣିକ ଉପାଖ୍ୟାନ ରହିଛି। ଚକଫୁଲବଣୀ ଓ ବାରବାଟିଆ ଗାଁକୁ ସଂଯୋଗ କରୁଥିବା ଛକରେ ଏହି ସାର୍ବଜନୀନ ବାସନ୍ତୀକ ଦୁର୍ଗାପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୨୦୨୨ ମସିହାରେ ଆରମ୍ଭ ହୋଇଥିବା ଏହି ପୂଜା ୨ବର୍ଷରେ ପଦାର୍ପଣ କରିଛି। ସ୍ଥାନୀୟ ଅଧିବାସୀମାନଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ପୂଜାରେ ଟୁକୁରୀହାଜିରା, ପସରବିନ୍ଧା, ନିମାତପୁର ଓ ବାରବାଟିଆ ଅଞ୍ଚଳର ସର୍ବସାଧାରଣ ଭରପୁର ମଜା ନେଉଥିବାବେଳେ ପଣାସଂକ୍ରାନ୍ତି ଅବସରରେ ପୂଜା ଆରମ୍ଭ ମାଁ ନାଇକାଣୀ ମନ୍ଦିର ପୋଖରୀ ନିକଟରୁ ଘଟଉ୍ତୋଳନ କରାଯାଇଥିଲା। ପରେ ଗୋପୂଜା, ସୂର୍ଯ୍ୟପୂଜା, ଗୁରୁ ପୂଜା, ସ୍ତମ୍ଭ ତୋରଣ ପୂଜା, ଅଗ୍ନି ସ୍ଥାପନ, ଯଜ୍ଞାରମ୍ଭ କରାଯାଇଥିଲା। ଏହି ପୂଜା ଦୀର୍ଘ ୫ଦିନ ଧରି ଚାଲିଥିଲା। ପୂଜା ଅବସରରେ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗ ରହୁଥିବାବେଳେ ସପ୍ତାହ ବ୍ୟାପୀ ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ୱରୂପ ସଙ୍ଗୀତ, ନୃତ୍ୟ, ଭଜନ ସନ୍ଧ୍ୟା ଓ ନାଟକ ଆଦି ପରିବେଷଣ ସହିତ ଗତକାଲି ଦଶହରା ଅବସରରେ ଆତସବାଜି ପ୍ରଦର୍ଶନ ହୋଇଥିବା ଦେଖିବାକୁ ମିଳିଥିଲା।

# ବାସନ୍ତୀ ପୂଜା ଉପଲକ୍ଷେ ସୋହରିଆରେ ରକ୍ତଦାନ ଶିବିର



ଭୋଗରାଇ/ଚୌକି, ୧୯।୪ (ସମିସ): ଭୋଗରାଇ ବ୍ଲକ ସୋହରିଆ ପଞ୍ଚାୟତ ଅନ୍ତର୍ଗତ ସେହି ଗ୍ରାମର ସାର୍ବଜନୀନ ବାସନ୍ତୀ ପୂଜା ଉପଲକ୍ଷେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବାସନ୍ତୀ ପୂଜା କମିଟି ପରିଚାଳନାରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ରକ୍ତଦାତା ସଂଘ ସଭାପତି କମଳ ଚକ୍ରବର୍ତ୍ତୀ ଏବଂ ସମ୍ମାନିତ ଅତିଥି ଭାବେ ସୋହରିଆ ସରପଞ୍ଚ ଜଗନ୍ନାଥ ସେଠୀ, ସିଆରସିସି ଉତ୍ତମ କୁମାର ସାମଲ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁବାଷ ଚନ୍ଦ୍ର ଦେ, ବିକ୍ରମ ବେହେରା, ବସନ୍ତ ବେହେରା ପ୍ରମୁଖ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବ୍ଲକ ଜନସ୍ୱାସ୍ଥ୍ୟ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଉତ୍ତର କୁମାର ଦଣ୍ଡପାଟ ଯୋଗ ଦେଇ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବାଲେଶ୍ୱର ଜିଲ୍ଲା ରକ୍ତଭଣ୍ଡାର ଟେକନିସିଆନ ବିଜୟ ପଟ୍ଟନାୟକ, ଅକ୍ଷୟ ଜେନା, ଅଜୟ ମହାପାତ୍ର, ଜ୍ୟୋସ୍ନା ସ୍ୱାଇଁ, ସନ୍ତୋଷ ଜେନା ରକ୍ତ ସଂଗ୍ରହ କରିଥିଲେ। ଏହି ଶିବିରରୁ ସମୁଦାୟ ୨୯ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ବାସନ୍ତୀ ପୂଜା କମିଟିର କାର୍ଯ୍ୟକର୍ତ୍ତା ରାଧାକୃଷ୍ଣ ମହାନ୍ତି, ହରିହର ତ୍ରିପାଠୀ, ହରିହର ମଣ୍ଡଳ, ଜୟନ୍ତ ତ୍ରିପାଠୀ, ସୁଶୀଲ ଦତ୍ତ, ସର୍ବେଶ୍ୱର ପ୍ରଧାନ, ବିନୟ ମଣ୍ଡଳ, ସତ୍ୟରଞ୍ଜନ ତ୍ରିପାଠୀ, ବିକ୍ରମ ବେହେରା, ଅନନ୍ତ ମହାନ୍ତି, ମନ୍ମଥ କର ପ୍ରମୁଖ ପରିଚାଳନା କରିଥିଲେ।

# ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ



ରାଇବଣିଆ, ୧୯।୪(ସମିସ) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଖୁଆଡ ଗ୍ରାମ ପଞ୍ଚାୟତରେ ଖୁଆଡ ଗାଁର ୯୫ବର୍ଷ ବୟସରେ ବିମ୍ବାଧର ଘୋଷ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତାରେ ଆଜି ଅପରାହ୍ନରେ ନିଜ ବାସଭବନରେ ଦେହ ତ୍ୟାଗ କରିଛନ୍ତି। ସେ ଜଳେଶ୍ୱର ଆର ଏମ ସିର କାର୍ଯ୍ୟରତ କର୍ମଚାରୀ ନିର୍ମଳ ଚନ୍ଦ୍ର ଘୋଷଙ୍କ ପିତା ଓ 'ସକାଳ'ର ଯୁବ ସାମ୍ବାଦିକ ଅଶ୍ରୁମୋଚନ ଘୋଷଙ୍କ ଜେଜେ ବାପା। ସେ ଆଜକୁ ୬୦ବର୍ଷ ଧରି ଶୁଦ୍ଧ ଶାକାହାରୀ ଭୋଜନ କରୁଥିଲେ। ସେ ସତସଙ୍ଗ ଓ ଭଜନ କୀର୍ତ୍ତନ ସହିତ ନାମ ସଙ୍କୀର୍ତ୍ତନ କରି ହିନ୍ଦୁ ଧର୍ମର ପ୍ରଚାର ପ୍ରସାର କରୁଥିଲେ। ସେ ୪୦ବର୍ଷ ଖୁଆଡ ସମବାୟ ସମିତିରେ ଲୋକଙ୍କ ସେବାରେ କାର୍ଯ୍ୟ କରିଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

# ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ



ଶ୍ରଦ୍ଧାପୁର, ୧୯।୪ (ସମିସ) : ଭୋଗରାଇ ବ୍ଲକ ନାରାୟଣ ମହାନ୍ତି ପଡ଼ିଆ ପଞ୍ଚାୟତର ମାତିକେଆଁଠାରେ ସଙ୍କଟମୋଚନ ଏକାଦଶ ରୁଦ୍ରାବତାର ଶ୍ରୀ ଶ୍ରୀ ରାମେଷ୍ଟ ମହାବୀରଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ମହାଆଡମ୍ବରପୂର୍ଣ୍ଣ ଭାବରେ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବ ୧୭ ତାରିଖ ଗୁରୁବାର ପାଖରୁ ଚାରି ଦିନ ବ୍ୟାପି ଉତ୍ସବ ସମସ୍ତ ନୀତିକାନ୍ତି ଅନୁଯାୟୀ ଅନୁଷ୍ଠିତ ହୋଇଥିଲା। ବୁଧବାର ଦିନ ସନ୍ଧ୍ୟା ୬ ଘଟିକା ୪୭ ମିନିଟ ମଧ୍ୟେ ମନ୍ଦିର ଅଧିବାସ ଓ ଅଙ୍କୁରାରୋପଣ କାର୍ଯ୍ୟକ୍ରମ ରହିଥିଲା। ସେହିପରି ଗୁରୁବାର ଦିନ ସକାଳ ୬ ଘଟିକା ୪୬ ମିନିଟ ମଧ୍ୟରେ ହଜାର ହଜାର ମହିଳାଙ୍କ ଦ୍ୱାରା ମାତିକେଆଁରୁ ବାହାରି ସ୍ଥାନୀୟ ଚନ୍ଦ୍ରାବାଲି ଅଭିମୁଖେ ଏକ ବିଶାଳ ଓ ବର୍ଣ୍ଣାଢ୍ୟ କଳସ ଶୋଭାଯାତ୍ରାରେ ପରିକ୍ରମା କରି ଫେରିଥିଲେ। ସେଠାରେ କଳସ ସ୍ଥାପନ ପୂର୍ବକ ଶିଖର ସ୍ନାନ ଓ ଯଜ୍ଞ ଆରମ୍ଭ କାର୍ଯ୍ୟକ୍ରମ ହୋଇଥିଲା। ପୁଣି ଶୁକ୍ରବାର ଦିନ ଦେବଙ୍କ ମହା ସ୍ନାନାଦି କର୍ମ ଓ ଯଜ୍ଞ ଆରମ୍ଭ ହୋଇଥିଲା। ସେହିପରି ଶନିବାର ଦିନ ଦେବଙ୍କ ନବ ଯୌବନ ଦର୍ଶନ ଓ ସନ୍ଧ୍ୟାରେ ନୈଷ୍ଠିକ ବ୍ରାହ୍ମଣଙ୍କ ଦ୍ୱାରା ଯଜ୍ଞ ଓ ପରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରତ୍ୟେକ ଦିନ ଦିବା ୧୨ ଘଟିକାରେ ପ୍ରସାଦ ସେବନର ବ୍ୟବସ୍ଥା ଆୟୋଜନ କରାଯାଇଥିଲା। ଉକ୍ତ ପ୍ରତିଷ୍ଠା ଉତ୍ସବରେ ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀଙ୍କ ଅକୁଣ୍ଠ ସାହାଯ୍ୟ ଓ ସହଯୋଗରେ ପରିଚାଳିତ ହୋଇଥିଲା।

# ଫଳକ ଲାଗିଛି, କାମ ଆରମ୍ଭ ହେଉନି



ଚନ୍ଦନେଶ୍ୱର, ୧୯।୪(ସମିସ) : ବାଲେଶ୍ୱର ଜିଲ୍ଲା ଭୋଗରାଇର ବିଭିନ୍ନ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ମାଧ୍ୟମରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜନହିତକର କାର୍ଯ୍ୟର କାର୍ଯ୍ୟାଦେଶ ପ୍ରଦାନ କରିଛନ୍ତି। କିନ୍ତୁ ଠିକାଦାର ମାନଙ୍କ ଅବହେଳା ପାଇଁ ଚାରିମାସ ହେବ କାର୍ଯ୍ୟାଦେଶର ସୂଚନା ଫଳକ ଲାଗିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ହୋଇ ନ ଥିବା ଦେଖାଯାଇଛି। ବାଲେଶ୍ୱର ଜିଲ୍ଲା ଭୋଗରାଇର କଖଡା ପଞ୍ଚାୟତର ଚଣ୍ଡିସିଂପୁର ଠାରେ ତିନି ଲକ୍ଷ ପଚାଶ ହଜାର ବ୍ୟୟ ଅଟକଳରେ ଚଣ୍ଡୀସିଂପୁର ଗୋଷ୍ଠୀ କେନ୍ଦ୍ର ନିର୍ମାଣ ପାଇଁ ସୂଚନା ଫଳକରେ ବିଗତ ବର୍ଷ ଡିସେମ୍ବର ମାସ ୧୨ ତାରିଖରେ କାର୍ଯ୍ୟ ଆରମ୍ଭ ହୋଇଥିବା ଦର୍ଶାଯାଇଛି। କିନ୍ତୁ ଆଜି ପର୍ଯ୍ୟନ୍ତ କେବଳ ସୂଚନା ଫଳକ ବ୍ୟତୀତ ଆଉକିଛି କାମ ହୋଇଥିବା ଦେଖିବାକୁ ମିଳିନାହିଁ। ସେଥିପାଇଁ ସାଧାରଣରେ ବିଭିନ୍ନ ପ୍ରକାରର ଅସନ୍ତୋଷ ମୂଳକ ଆଲୋଚନା ହେଉଥିଲେ ହେଁ କଖଡା ପଞ୍ଚାୟତ ସମିତି ସଦସ୍ୟଙ୍କ ପ୍ରତିନିଧି ଅର୍ଜୁନ ପ୍ରହରାଜ ଓ ସମାଜସେବୀ ରବୀନ୍ଦ୍ର ନାଥ ମହାନ୍ତିଙ୍କ ହସ୍ତକ୍ଷେପ ଦ୍ୱାରା କୌଣସି ଏକ ଅସୁବିଧା ପାଇଁ କାର୍ଯ୍ୟ ଅଟକି ରହିଥିଲା। ଖୁବ୍‌ଶିଘ୍ର ତାହା ଆରମ୍ଭ କରାଯାଇ ଏକମାସ ମଧ୍ୟରେ ସମାପନ କରାଯିବ ବୋଲି ସୂଚନା ମିଳିଛି।

# ଶିକ୍ଷୟିତ୍ରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା



ଭୋଗରାଇ, ୧୯।୪ (ସମିସ) : ଭୋଗରାଇ ବ୍ଲକ ଅନ୍ତର୍ଗତ ହରିଦାସପୁର କାର୍ତ୍ତିକ ଚନ୍ଦ୍ର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁଶ୍ରୀ ତପସ୍ୱିନୀ ଦାସଙ୍କ ଅବସରକାଳୀନ ସମ୍?ର୍ଦ୍ଧନା ସଭାରେ ମତପ୍ରକାଶ ପାଇଛି। ବିଦ୍ୟାଳୟ ପରିସରରେ ଗ୍ରାମ୍ୟ ମୁଖ୍ୟ ତଥା ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଭାପତି ସୁରପତି ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀ କମଳଲୋଚନ ବିଶ୍ୱାଳ ଯୋଗ ଦେଇ ଶୃଙ୍ଖଳିତ ଓ ସଂସ୍କାରିତ ହେବା ସହିତ ନିଜ କର୍ତ୍ତବ୍ୟକୁ ସଠିକ ଭାବେ ସମ୍ପାଦନ କରିବା ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ତଥା ଅନଳିଆ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ ଦାସ ମହାପାତ୍ର ଯୋଗ ଦେଇ ଥିଲେ। ବିଶିଷ୍ଟ ବକ୍ତା ଭାବେ ଭୋଗରାଇ ପ୍ରେସ କ୍ଲବ ସଭାପତି ତଥା ବରିଷ୍ଠ ସାମ୍ବାଦିକ ଅମର ମହାନ୍ତି ଓ ହରିଦାସପୁର ନରେନ୍ଦ୍ର ନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବାଶିଷ ପଟ୍ଟନାୟକ ଯୋଗ ଦେଇ ମତବ୍ୟକ୍ତ କରିଥିଲେ। ସମ୍ମାନିତ ବକ୍ତା ଭାବେ ଅନଳିଆ କ୍ଲଷ୍ଟର ସିଆରସିସି ଅମିତା ଜେନା, ଶିକ୍ଷକ ଅରୁଣ କୁମାର ଦାସ, ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଭାପତି ଶ୍ରୀପତି ଚରଣ ମହାନ୍ତି, ଅଧ୍ୟାପକ ପୂର୍ଣ୍ଣେନ୍ଦୁ ଦାସ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ସଞ୍ଜୟ ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ ଅରବିନ୍ଦ ମାଝୀ, ଶିକ୍ଷକ ପଦ୍ମଲୋଚନ ଜେନା, ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଭାପତି ସଞ୍ଜୁଲତା ଦାସ, ପୂର୍ବତନ ପ୍ରଧାନ ଶିକ୍ଷକ ବଂଶୀଧର ମାଝୀ, ୱାର୍ଡସଭ୍ୟ ମଧୁସୂଦନ ନାୟକ ପ୍ରମୁଖ ଯୋଗ ଦେଇ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସୁଶ୍ରୀ ତପସ୍ୱିନୀ ଦାସଙ୍କ ସୁଦୀର୍ଘ କର୍ମମୟ ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଶୋକ କୁମାର ମହାନ୍ତି ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ପରିଚାଳନା କମିଟି ସଭାପତି ଜଗନ୍ନାଥ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଶାଳୀକୋଠା ମଧ୍ୟ ବାସନ୍ତୀ ଦୁର୍ଗୋତ୍ସବ



ଜଳେଶ୍ୱର ବ୍ଲକ, ୧୯।୪ (ସମିସ): ଭାରତରେ ପ୍ରତିବର୍ଷ ଦୁଇଥର ଦେବୀ ଦୁର୍ଗାଙ୍କର ପୂଜା ଅନୁଷ୍ଠିତ ହୁଏ। ଶରତ ଋତୁରେ ଆଶ୍ୱିନ ମାସ ଶୁକ୍ଳ ପକ୍ଷର ପୂଜାକୁ 'ଦେବୀ ପୂଜା' ଏବଂ ବସନ୍ତ ଋତୁରେ ଚୈତ୍ରମାସ ଶୁକ୍ଳ ପକ୍ଷର ପୂଜାକୁ 'ବାସନ୍ତୀ ପୂଜା' କୁହାଯାଏ। ଯେଉଁ ମା'ର ଶସ୍ୟ ଆହାର କରି ମାନବ ଜୀବିକା ନିର୍ବାହ କରେ ସେହି ଧରିତ୍ରୀ ରାଣୀର ବୟଃପ୍ରାପ୍ତିରେ ଉତ୍‌ଫୁଲ୍ଲ ହୋଇ ଜନ-ମାନସ ବାସନ୍ତୀ ଦୁର୍ଗାଙ୍କ ପୂଜାର ଆୟୋଜନ କରାଯାଇଥାଏ ବୋଲି କୁହାଯାଏ। ନିଦାଘର ତପ୍ତତା ମଧ୍ୟରେ କରୁଣାମୟୀ ମା ଅମ୍ବିକା ବାସନ୍ତୀ ଦୁର୍ଗାମାଙ୍କର ଆବିର୍ଭାବ ଚାରିଆଡେ ଆନନ୍ଦ ସହକାରେ ମୁଖରିତ କରି ତୋଳିଛି। ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ଶାଳୀକୋଠା ଗ୍ରାମର କାଳୀ ମନ୍ଦିର ପଡ଼ିଆଠାରେ ସବୁ ବର୍ଷପରି ଚଳିତ ବର୍ଷ ମଧ୍ୟ ସାର୍ବଜନୀନ ବାସନ୍ତୀଙ୍କ ପୂଜା ୧୪ତାରିଖ ଠାରୁ ଅଧିବାସ ଓ ଷଷ୍ଠୀ ପୂଜା ଆରମ୍ଭ ହୋଇ ୧୭ତାରିଖରେ ରାମ ନବମୀ ଭକ୍ତଙ୍କ ଗହଳିରେ ପାଳିତ ହୋଇଥିଲା। ୧୮ ତାରିଖ ଦିନ ଦଶମୀ ପୂଜା ପରେ ପୂଜାସମାପନ ସହିତ ଦେବୀଙ୍କର ବିସର୍ଜନ ପୂଜା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଆତାସବାଜି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଆତାସବାଜି କାର୍ଯ୍ୟକ୍ରମକୁ ଦେଖିବା ପାଇଁ ୬ ରୁ ୭ ହଜାର ଲୋକର ସମାଗମ ହୋଇଥିଲା। ଏହି ସବୁ କାର୍ଯ୍ୟକ୍ରମକୁ କମିଟିର ସଭାପତି ତାରାପଦ ମହାନ୍ତି, ଉପସଭାପତି ରାଜେନ୍ଦ୍ର ପାତ୍ର, ଶ୍ରୀହରି ପ୍ରାମାଣିକ, ଦିଲ୍ଲୀପ ପଣ୍ଡା, ସମ୍ପାଦକ ଦେବବ୍ରତ ପ୍ରଧାନ, ସରୋଜ ଜେନା, ଗଣେଶ ଚନ୍ଦ୍ର ଗିରି, କୋଷାଧ୍ୟକ୍ଷ ପ୍ରଦୀପ ମହାନ୍ତି, ସଞ୍ଜୀବ ନାଗ, ବରୁଣ ଜେନା, ତନୁ ମହାନ୍ତି, ସନ୍ତୋଷ ଭୂୟାଁ, ପୂର୍ଣ୍ଣଚନ୍ଦ୍ର ପାତ୍ର, ଅନନ୍ତ ମହାନ୍ତି, ରାଜୀବ ମହାନ୍ତି, ଅଜୟ ଖଟୁଆ, ଅଜୟ ପ୍ରଧାନ, ସତ୍ୟନାରାୟଣ ଯେନା, ଜୟନାରାୟଣ ଯେନା, ବିଜୟ ଯେନା, ଅଜୟ ଜେନା, ଉଦୟ ଖଟୁଆ ପ୍ରମୁଖ ଶାଳୀକୋଠା ଏବଂ ମହିଷାମୁଣ୍ଡା ଗ୍ରାମର ସଦସ୍ୟ ମାନେ ଏହି ସବୁ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ତୁଲାଇଥିଲେ।

# ରାଜପଥ କଡ଼ରେ ତରଭୁଜ ପସରା

ଜଳେଶ୍ୱର ବ୍ଲକ, ୧୯।୪ (ସମିସ):



ସମଗ୍ର ଓଡ଼ିଶାରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହେଉଥିବା ବେଳେ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଅଞ୍ଚଳରେ ମଧ୍ୟ ଅଧିକ ତାପମାତ୍ରା ଓ ଗୁଳୁଗୁଳି ଅନୁଭୂତ ହେଉଅଛି। କିନ୍ତୁ ବିଭିନ୍ନ ଜରୁରୀ କାର୍ଯ୍ୟ ଲାଗି ଲୋକମାନେ ହାଟ ବଜାର, କୋର୍ଟ କଚେରୀ, ଅଫିସକୁ ଯିବାକୁ ପଡୁଛି। ଫଳରେ ଗ୍ରୀଷ୍ମ ଦାଉରୁ ରକ୍ଷା ପାଇବା ପାଇଁ ବିଭିନ୍ନ ଥଣ୍ଡା ପାନୀୟ, ଫଳରସ ସହିତ, କାକୁଡି ତରଭୁଜ ଖାଇବାକୁ ଲୋକମାନେ ପସନ୍ଦ କରୁଛନ୍ତି। ବଜାରରେ ବହୁ ରାଷ୍ଟ୍ରୀୟ କମ୍ପାନୀର ବିଭିନ୍ନ କେମିକାଲଯୁକ୍ତ ଥଣ୍ଡା ପାନୀୟ ସହିତ ବହୁ ଅନାମଧେୟ ନକଲି ମୃଦୁ ପାନୀୟ ବଜାରରେ ଉପଲବ୍ଧ ହେଉଛି। କିନ୍ତୁ ସଚେତନ ନାଗରିକ ମାନେ ପ୍ରାକୃତିକ ଫଳ ଓ ଫଳରସ ଗ୍ରହଣ କରିବାକୁ ଅଧିକ ପସନ୍ଦ କରୁଛନ୍ତି। ହାଟ ବଜାର ସହିତ ରାସ୍ତା ଘାଟରେ ତରଭୁଜ ପ୍ରସାର ମେଲାଇ ଭଲ ବ୍ୟବସାୟ ମଧ୍ୟ ହେଉଛି। ନଛିମପୁର ଗ୍ରାମରର ଭୂମିହୀନ ବେକାର ଯୁବକ ଅଶୋକ ଦତ୍ତ ତାଙ୍କ ସାଙ୍ଗ ମାନେ କରୋନା ପାଖରୁ କାମଧନ୍ଦା ନ ପାଇ ଏଣେତେଣେ ବୁଲୁଥିଲେ। ବିଧବା ମା' ଜୟନ୍ତୀ ଦତ୍ତଙ୍କ ସଞ୍ଚିତ ସ୍ୱଳ୍ପ ଅର୍ଥ ଓ କରଜ ଟଙ୍କା ଲଗାଇ ତରଭୁଜ ବ୍ୟବସାୟ ଆରମ୍ଭ କରିଛନ୍ତି। ୬୦ ନମ୍ବର ଜାତୀୟ ରାଜପଥ ନହଙ୍ଗା ବାଇପାସ୍‌ଠାରେ ପାଇକାରୀ ଓ ଖୁଚୁରା ଦରରେ ତରଭୁଜ ଯୋଗାଇ ଦେଉଛନ୍ତି। ଗଛିତ କିସମ ତରଭୁଜ ମଧ୍ୟରେ ଟେବଲେଟ, ଓ ବେଲ ସ୍ୱାଦର ତରଭୁଜ ଏଠାରେ ରହିଛି। ସୂଚନାଯୋଗ୍ୟ ଜଳେଶ୍ୱର ଅଞ୍ଚଳରେ ଅଦିନିଆ ଲଗାତାର ବର୍ଷା କାରଣରୁ ତରଭୁଜ ଓ ରବି ଫସଲରେ କ୍ଷୟକ୍ଷତି ହୋଇଥିଲା। ଫଳରେ ସୀମାନ୍ତ ଅଞ୍ଚଳରେ ଉନ୍ନତମାନର ଓ ବୃହତ୍ ତରଭୁଜ ଅଧିକ ଉପଲବ୍ଧ ହେଉନାହିଁ। କିନ୍ତୁ ଅଶୋକ ଓ ତାଙ୍କର ସାଥୀ ସୁଦୂର ଅଞ୍ଚଳରୁ ତରଭୁଜ ଆଣି ରାସ୍ତା କଡ, ଜରି ପାଲ ତଳେ ପସରା ମେଲାଇଛନ୍ତି। ଏପରିକି ବିଭିନ୍ନ ସ୍ଥାନରୁ ପିକ୍ ଅପ୍ ମାଧ୍ୟମରେ ଉନ୍ନତ ମାନର ତରଭୁଜ ଓ ପନିପରିବା, ଆମ୍ରପାଲ୍ଲି, ବାଇଗଣ ପୋଲି ଆମ୍ବ ଓ ଲିଚୁ ପାଇକାରି ଦରରେ ମଗାଇ ଚାଲାଣ କରିବା ସହିତ ଖୁଚୁରା ବିକ୍ରୟ ମଧ୍ୟ କରୁଛନ୍ତି। ଏହା ସହିତ ୩ ବନ୍ଧୁ ମଧ୍ୟ ଘରେ ରହି ରୋଜଗାର କରିବା ସହିତ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି।

### ମାଫିଆଙ୍କ କବ୍‌ଜାରେ ମୂଲ୍ୟବାନ ସରକାରୀ ଜମି

# ଜବରଦଖଲ ଉଚ୍ଛେଦ ପରେ ପୁଣି ଅବରୋଧ



ଭଦ୍ରକ, ୧୯ ।୪(ସମିସ):

ଭଦ୍ରକ ତହସିଲ ଅଧୀନ ସହରାଞ୍ଚଳରେ ଏକ ମୂଲ୍ୟବାନ ସରକାରୀ ଜମି ଏବେ ମାଫିଆଙ୍କ କବ୍‌ଜାରେ। ପ୍ରଥମେ ସେ ଜମିକୁ ମାଟି ପକାଇ ଅବରୋଧ କରିଥିଲେ। ଏହି ଖବର ପାଇବା ପରେ ଗତ ଫେବୃଆରୀ ୧୭ ତାରିଖରେ ଭଦ୍ରକ ତହସିଲଦାରଙ୍କ ନିର୍ଦ୍ଦେଶରେ ଉକ୍ତ ଜମିରୁ ଜବର ଦଖଲ ଉଚ୍ଛେଦ କରାଯାଇଥିଲା। କେବଳ ଏତିକି ନୁହେଁ, ଉକ୍ତ ସରକାରୀ ଜମିରେ ଏକ ସରକାରୀ ସାଇନ ବୋର୍ଡ ମଧ୍ୟ ତହସିଲ ପକ୍ଷରୁ ଲଗାଯାଇଥିଲା। 'ସରକାରୀ ଜମିଟି ଓଡ଼ିଶା ସରକାରଙ୍କ ସମ୍ପତ୍ତି, ଏଠାରେ ଅନଧିକାର ପ୍ରବେଶ ମନା' ବୋଲି ସାଇନବୋର୍ଡ଼ରେ ଉଲ୍ଲେଖ ରହିଥିଲା। ମାତ୍ର ପୁଣି ଥରେ ସେହି ଜମି ଅବରୋଧ ହୋଇଥିଲା ଅଭିଯୋଗ ହୋଇଛି। ପ୍ରକାଶ ଥାଉକି, ଭଦ୍ରକ ସହର ମଠାସାହି ମୌଜାରେ ବସ୍‌ଷ୍ଟାଣ୍ଡ ରାସ୍ତା କଡରେ ପ୍ଲଟ ନମ୍ବର ୨୦୮୦, ଖାତା ନମ୍ବର ୮୯୬ରେ ଥିବା ସରକାରୀ ଆବାଦ ଯୋଗ୍ୟ ଅନାବାଦୀ କିସମ ୨୦ ଡେସିମିଲ ମୂଲ୍ୟବାନ ଜମିକୁ ସେଠାକାର ଜଣେ ବ୍ୟକ୍ତି ମାଟି ପକାଇ ବଳ ପୂର୍ବକ ନିଜ ଦଖଲକୁ ନେବାକୁ ଯୋଜନା କରିଥିଲା। ଉକ୍ତ ବ୍ୟକ୍ତିଙ୍କ ଜମି ଉକ୍ତ ସରକାରୀ ଜମି ପଛ ପ୍ଲଟରେ ରହିଛି। ତେଣୁ ସେ ଏହି ମୂଲ୍ୟବାଦ ଜମିକୁ ଜବର ଦଖଲ ପାଇଁ ନିଜ ଅକ୍ତିଆରକୁ ନେବାକୁ ଉଦ୍ୟମ କରିଥିଲେ। ଏହା ଜାଣିବା ପରେ ଭଦ୍ରକ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆଙ୍କ ନିର୍ଦ୍ଦେଶରେ ରେଭିନ୍ୟୁ ସୁପରଭାଇଜର ଜ୍ୟୋତିରଞ୍ଜନ ପଣ୍ଡା, ସଦର ଆର୍‌ଆଇ ଶରତ ମହାନ୍ତ ଘଟଣାସ୍ଥଳରେ ପହଞ୍ଚି ସରକାରୀ ଅମିନ ସୁବାସ ପଲେଇଙ୍କ ଜରିଆରେ ମାପଚୁପ କରି ଉକ୍ତ ସରକାରୀ ଜମିକୁ ଚିହ୍ନଟ କରିଥିଲେ। ପରେ ସେଥିରୁ ଜବର ଦଖଲ ଉଚ୍ଛେଦ କରି ନାଲି ପତାକା ମାରିଥିଲେ। ଅନୁରୂପ ଭାବେ ଉକ୍ତ ସରକାରୀ ଜମିରେ ଅନଧିକାର ପ୍ରବେଶ ନିଷେଧ ସମ୍ପର୍କିତ ସାଇନ ବୋର୍ଡ ଲଗାଇଥିଲେ। ଏଥି ସହ ଜବର ଦଖଲ ଉଦ୍ୟମକାରୀଙ୍କୁ ତହସିଲଦାର ଏନେଇ କୈଫିୟତ ତଲବ ନୋଟିସ ମଧ୍ୟ ପ୍ରଦାନ କରିଥିଲେ। ତେବେ ଏହି ଘଟଣାକୁ ମାତ୍ର ଦୁଇମାସ ନପୁରୁଣୁ ପୁଣି ଅବରୋଧ ଉଦ୍ୟମ ହେଲାଣି। ଜମିରେ ମରାଯାଇଥିବା ସରକାରୀ ଫଳକ ବା ସାଇନ୍‌ବୋର୍ଡକୁ କେହି ସେଠାରୁ ହଟାଇ ନେଇଥିବା ଜଣାଯାଇଛି। ଅର୍ଥାତ ପୁଣି ଉକ୍ତ ମୂଲ୍ୟବାନ ଜମିକୁ ଜବର ଦଖଲ ଉଦ୍ୟମ ଚାଲିଥିବା ଏଥିରୁ ସ୍ପଷ୍ଟ ହୋଇଛି। ଏନେଇ ଭଦ୍ରକ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆଙ୍କୁ ପଚାରିବାରୁ, ସେ ଖୁବ୍ ଶିଘ୍ର ଏହି ଘଟଣାରେ ପଦକ୍ଷେପ ନେବେ ବୋଲି କହିଛନ୍ତି।

## ଅଟଳ ବିହାରୀ ମହାବିଦ୍ୟାଳୟର ଜାତୀୟ ଆଲୋଚନାଚକ୍ର



ବାସୁଦେବପୁର, ୧୯ ।୪(ସମିସ): ବାସୁଦେବପୁର ଅଟଳ ବିହାରୀ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ କଲେଜ ପରିସର ମଧ୍ୟରେ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି। ଆୟୋଜିତ ପ୍ରଥମ ଅଧିବେଶନର ମୁଖ୍ୟଅତିଥି ଭାବେ ବାରିପଦା ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ବବ୍ରୁବାହନ ମହାପାତ୍ର ଯୋଗଦେଇ ଆଲୋଚନାଚକ୍ରକୁ ଉଦଘାଟନ କରିଥିଲେ। ସଭାରେ ଫକୀରମୋହନଙ୍କ ସାହିତ୍ୟରେ ସାମାଜିକ ପ୍ରତିବଦ୍ଧତା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଟଳ ବିହାରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଷ୍ଣୁମୋହନ ସ୍ୱାଇଁ ସଭାପତିତ୍ୱ କରିଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ପ୍ରାଧ୍ୟାପକ ଡ. ରାଜେନ୍ଦ୍ର କୁମାର ବେହେରା ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହିତ ସଂଯୋଜନା କରିଥିଲେ। ମୁଖ୍ୟବକ୍ତା ଭାବେ ଡ. ରମେଶ ଚନ୍ଦ୍ର ବେହେରା, ସମ୍ମାନୀତ ଅତିଥି ଭାବେ ଏବି କଲେଜ ପରିଚାଳନା କମିଟିର ସଭାପତି ବନମାଳୀ କୁଅଁର ଓ ଅଧ୍ୟାପକ ରବିନାରାୟଣ ନାୟକ ଯୋଗ ଦେଇ ଉଦ୍‌ବୋଧନ ଦେଇଥିଲେ। ଆୟୋଜିତ ଦ୍ୱିତୀୟ ଅଧିବେଶନ ସଭାରେ ବରେଣ୍ୟ ଅତିଥି ଭାବେ ଶାନ୍ତିନିକେତନର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସହକାରୀ ପ୍ରଫେସର ଡ.ରବୀନ୍ଦ୍ର କୁମାର ଦାସ, ଚରମ୍ପା ମହାବିଦ୍ୟାଳୟର ପ୍ରାଧ୍ୟାପକ ଡକ୍ଟର ରମେଶ ଚନ୍ଦ୍ର ଦାସ, ପାଳିଆବିନ୍ଧା ବିଏନଏମଏ କଲେଜର ପ୍ରାଧ୍ୟାପକ ଡ.ବିଶ୍ୱରଞ୍ଜନ ଦାସ ଓ ଭଦ୍ରକ ମହିଳା ମହାବିଦ୍ୟାଳୟର ପ୍ରାଧ୍ୟାପକ ଅଭୟ କୁମାର ଦାସ ଓ ଅଧ୍ୟାପକ ହୃଷିକେଶ ବାରିକ ଯୋଗ ଦେଇ ଉଦବୋଧନ ଦେଇ କହିଥିଲେ ଫକୀରମୋହନଙ୍କୁ ଛାଡି ଓଡ଼ିଆ ଭାଷା ସାହିତ୍ୟର ପରିକଳ୍ପନା କରାଯାଇ ପାରିବ ନାହିଁ।

## ଦୁର୍ଘଟଣାରେ ଜଣେ ମୃତ

ବନ୍ତ/ଆଗରପଡ଼ା, ୧୯ ।୪(ସମିସ): ଭଦ୍ରକ-ଆନନ୍ଦପୁର ୫୩ନମ୍ବର ରାଜ୍ୟ ରାଜପଥର ଚାଇଁପୁର ଛକରେ ସଡ଼କ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ବନ୍ତ ଥାନା ଅନ୍ତର୍ଗତ ବସନ୍ତିଆ କୋଳିପଦୀ ଗାଁର ପ୍ରସନ୍ନ ନାୟକ(୫୨) ଗତ ୧୧ତାରିଖ ସନ୍ଧ୍ୟା ସମୟରେ ଚାଇର୍ପୁର ଛକସ୍ଥିତ ନିଜ ସମ୍ପର୍କୀୟଙ୍କ ଘରକୁ ଯାଇ ସାଇକଲରେ ଫେରୁଥିବା ସମୟରେ ସେଠାରେ ସଡ଼କ ଦୁର୍ଘଟଣାରେ ସେ ଗୁରୁତର ହୋଇ ରାସ୍ତା ଉପରେ ମୁମୂର୍ଷ ଅବସ୍ଥାରେ ପଡ଼ିଥିଲେ। ଖବର ପାଇ ପରିବାର ଲୋକେ ତାଙ୍କୁ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତର ଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ମାତ୍ର ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଇତି ମଧ୍ୟରେ ଏକ ସପ୍ତାହ ବିତିଯାଇଥିଲେ ସୁଦ୍ଧା ଦୁର୍ଘଟଣା ଘଟାଇଥିବା କୌଣସି ଗାଡ଼ିର ସୂଚନା ମିଳିପାରିନଥିବା ବେଳେ ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଆଗରପଡ଼ାରେ ବୁଲୁଛି ହାତୀ

ବନ୍ତ/ଆଗରପଡ଼ା, ୧୯।୪(ସମିସ): ଆଗରପଡ଼ା ନିକଟସ୍ଥ ପାଟକନା ଓ ରାଉତରାପୁର ଗ୍ରାମରେ ଗତକାଲି ରାତିରେ ଗୋଟିଏ ଦନ୍ତାହାତୀ ବୁଲୁଥିବାର ଦେଖି ଲୋକେ ଉୟଭୀତ ହୋଇପଡ଼ିଛନ୍ତି। ରାତିରେ ବାହାରକୁ ବାହାରିବା ପାଇଁ ନିଜକୁ ନିରାପଦ ମଣୁ ନାହାଁନ୍ତି। ହଦଗଡ଼ ଜଙ୍ଗଲରେ ମାଫିଆ ମାନଙ୍କ ଦ୍ୱାରା ନିୟମିତ ଗଛ କଟାଯାଉଥିବାରୁ ପଶୁମାନେ ସେଠାରେ ନିଜକୁ ନିରାପଦ ନ ମଣି ବାରମ୍ବାର ବିଭିନ୍ନ ଗାଁ ମଧ୍ୟକୁ ଖାଦ୍ୟ ଅନ୍ୱେଷଣରେ ପଳାଇଆସି ଧନଜୀବନର କ୍ଷୟକ୍ଷତି ଘଟାଇଛନ୍ତି ବୋଲି ଅଭିଯୋଗ ମାନ ହେଉଛି। ସାଳନ୍ଦୀ ନଦୀ କୂଳରେ ଅବସ୍ଥିତ ଆଗରପଡ଼ାର ମହାନ୍ତିପଡ଼ା, ରାଉତରାପୁର, ପାଟକନା ସମେତ ସୋସୋ, କାନପୁର, ଦନେଇପୁର ଆଦି ଗ୍ରାମରେ ଥିବା ପାଳଗୁଡ଼ିକରେ ଆମ୍ବ, ପଣସ, ସପୁରୀ ଓ ପନିପରିବା ଚାଷ କରାଯାଇଥାଏ। ପ୍ରତିବର୍ଷ ଅମଳ ହେବା ସମୟରେ ହାତୀମାନେ ଆସି ଚାଷର କ୍ଷୟକ୍ଷତି କରୁଛନ୍ତି। ହାତୀ ଭୟରେ ଚାଷୀମାନେ ପାଳକୁ ଯିବା ପାଇଁ ନିଜକୁ ନିରାପଦ ମଣୁ ନାହାନ୍ତି। ସ୍ଥାନୀୟ ବନବିଭାଗ ପକ୍ଷରୁ ହାତୀର ଗତିବିଧି ଲକ୍ଷ୍ୟକରି କେବଳ ଲେକମାନଙ୍କୁ ସୂଚନା ଦେବା ସହ ବାଣଫୁଟାଇ ଘଉଡ଼ାଯାଉଛି। ଘଉଡ଼ା ଯିବା ପାଇଁ କୌଣସି ଅତ୍ୟାଧୁନିକ ବ୍ୟବସ୍ଥା ନଥିବାରୁ ହାତୀ ଅଧିକ କ୍ଷୟକ୍ଷତି ପହଞ୍ଚାଇଥାଏ। ଏହିପରି ଅନେକ ନଜୀର ରହିଛି। ହାତୀ ଆକ୍ରମଣରେ ଏକାଧିକ ଲୋକ ମୃତାହତ ମଧ୍ୟ ଏଠାରେ ହୋଇଛନ୍ତି। ସ୍ଥାନୀୟ ମୁଖ୍ୟ ବଜାର ରାସ୍ତାରେ ହାତୀ ବୁଲୁଥିବାର ଏଥିପୂର୍ବରୁ ଦେଖିବାକୁ ମିଳିଥିଲା।

## ପଥଚାରୀଙ୍କୁ ପାନୀୟ ଜଳ ବିତରଣ



ବାରିକପୁର, ୧୯ ।୪(ସମିସ): ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପଞ୍ଚାୟତ ରାଢୋ ହନୁମାନ ବଜାର ଠାରେ ପଥଚାରୀମାନଙ୍କୁ ଆଜି ଦହି ସର୍ବତ ବିତରଣ କରାଯାଇଛି। ଯାଜପୁର ଡାହାଣହତା ସ୍ଥିତ ବିଶ୍ୱଅନନ୍ତ ଶକ୍ତି ଜାଗରଣ ଦିବ୍ୟ ଚେତନା ମହାସଂଘ ଟ୍ରଷ୍ଟ ପକ୍ଷରୁ ଏକ ଦିବସୀୟ ଜଳଦାନ କେନ୍ଦ୍ର ଆୟୋଜନ ହୋଇଥିଲା। ମହାବୀର ହନୁମାନଙ୍କ ବାର୍ଷିକ ଉତ୍ସବ ପାଳନ ଅବସରରେ ଗ୍ରୀଷ୍ମ ପ୍ରବାହ ଦୃଷ୍ଟିରୁ ପଥଚାରୀ ମାନଙ୍କୁ ସର୍ବତ ବିତରଣ ହୋଇଥିଲା। ଟ୍ରଷ୍ଟ ଅଧ୍ୟକ୍ଷ ମନୋରଞ୍ଜନ ଦାସଙ୍କ ତତ୍ତ୍ୱାବଧାନରେ ବିଭୂତି ଭୂଷଣ ସାହୁ, ଗଦାଧର ଦାସ, ପ୍ରଦୀପ କୁମାର ଦାସ, ପ୍ରଦୀପ କୁମାର ସ୍ୱାଇଁ, ସରୋଜ ଦାସ, ଶିବ ପ୍ରସାଦ ଦତ୍ତ, ଅଶୋକ କୁମାର ମହାରଣା ପ୍ରମୁଖ ଯୋଗଦେଇ ତୃଷାର୍ତ୍ତମାନଙ୍କୁ ସର୍ବତ ବିତରଣ କରିଥିଲେ। ଏହାସହିତ ହନୁମାନ ଜୟନ୍ତୀ ଉତ୍ସବ ଆୟୋଜକ ଚିନ୍ତାମଣି ସେନାପତି ଓ ଟ୍ରଷ୍ଟ ପକ୍ଷରୁ ହୋମଯଜ୍ଞ ସହିତ ସାଧୁସନ୍ଥ ସମ୍ମଳନୀ ଅନୁଷ୍ଠିତ ହୋଇଯାଇଛି।

## ଟ୍ୟୁସନ ମାଷ୍ଟର ମାଡରେ ଛାତ୍ର ଆହତ

ବାସୁଦେବପୁର, ୧୯ ।୪(ସମିସ): ବାସୁଦେବପୁର ସ୍ଥିତ ନାୟକାଣିଡିହି ଥାନା ବିରସ ପଞ୍ଚାୟତ ବହୁପୋଖରୀ ଗାଁର ଜଣେ ଟ୍ୟୁସନ ମାଷ୍ଟର ମାଡରେ ଏକ ଛାତ୍ର ଆହତ ହୋଇଛି। ଆଉ ଆହତ ଛାତ୍ରକୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଘଟଣାକୁ ନେଇ ଆହତ ଛାତ୍ରଙ୍କ ପରିବାର ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ ହେବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନାରୁ ଜଣାପଡ଼ିଛି, ଉକ୍ତ ଗ୍ରାମର ଭକ୍ତହରୀ ଦଳେଇ ନାମକ ମାଷ୍ଟର ଗାଁର କିଛି ପିଲାଙ୍କୁ ନେଇ ଟ୍ୟୁସନ କରି ଆସୁଥିଲା। ଆହତ ଛାତ୍ର ସତ୍ୟମ ଟ୍ୟୁସନ ଆସି ପାଠ ପଢ଼ିବା ବସିଥିବା ବେଳେ ଭକ୍ତହରୀ ହଟାତ କୌଣସି କାରଣକୁ ନେଇ ସତ୍ୟମର ଗାଲକୁ ଏକ ଚାପୁଡା ମାରିଥିଲା। ମାଡ ଖାଇ ଛାତ୍ର ସତ୍ୟମ ଚିତ୍କାର କରି ତଳେ ପଡ଼ି ଯାଇଥିଲା। ପରେ ସତ୍ୟମ ଛୁଟି ପରେ ଘରକୁ ଆସି ମା'ଙ୍କୁ ସବୁ ଘଟଣା କହିଥିଲା। ସତ୍ୟମ ପରିବାର ଲୋକେ ସମସ୍ତ ଘଟଣା ଜାଣିବା ପରେ ଟ୍ୟୁସନ ମାଷ୍ଟର ଭକ୍ତହରୀକୁ ପଚାରିବାକୁ ଯାଇଥିଲେ। ପଚାରି ପଳାଇ ଆସିବା ପରେ ସତ୍ୟମର ଘରକୁ ଆସି ଭକ୍ତହରୀ ଓ ତାର କେତେକ ସହଯୋଗୀ ଧମକ ଚମକ ଦେବା ସହିତ ଘରେ ଭିତରେ ପୁରେଇ ତାଲା ପକାଇ ଚାଲି ଯାଇଥିଲେ। ଦୀର୍ଘ ସମୟ ଧରି ବନ୍ଦ ଘରେ ରହି ସତ୍ୟମର ମା' ୧୦୮ ଆମ୍ବୁଲାନ୍ସ ସହଯୋଗରେ ଉଦ୍ଧାର ହେବା ସହିତ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏଥିସହିତ ବାସୁଦେବପୁର ଡାକ୍ତରଖାନାରେ ସତ୍ୟମକୁ ଚିକିତ୍ସା କରିଥିବା ସୂଚନା ରହିଛି। ତେବେ ଏହି ଘଟଣାକୁ ନେଇ ପୁଲିସ ପ୍ରାଥମିକ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ପାଗ ଭିଡୁଥିବା ଜଣାପଡ଼ିଛି।

## ଅର୍ଜୁନପୁର ପଞ୍ଚାୟତରେ ବିଜେଡିର ସାଙ୍ଗଠନିକ ବୈଠକ



ଅସୁରାଳି, ୧୯ ।୪(ସମିସ): ଧାମନଗର ବ୍ଲକ ଅନ୍ତର୍ଗତ ଅର୍ଜୁନପୁର ପଞ୍ଚାୟତରେ ସକ୍ରିୟ କର୍ମୀମାନଙ୍କୁ ନେଇ ବିଜୁ ଜନତା ଦଳର କର୍ମୀ ବୈଠକ ଅନୁଷ୍ଠିତ ହୋଇ ଯାଇଅଛି। ଉକ୍ତ ବୈଠକରେ ଧାମନଗର ବିଧାୟକ ପ୍ରାର୍ଥୀ ଡାକ୍ତର ସଞ୍ଜୟ ଦାସ, ପ୍ରାକ୍ତନ ସମିତି ଅଧ୍ୟକ୍ଷ ଅଶୋକ ନାୟକ, ବ୍ଲକ ସଭାପତି ଉମେଶ ଚନ୍ଦ୍ର ମହାନ୍ତି, ଧୂଷୁରୀ ଜୋନ ଜିଲ୍ଲା ପରିଷଦ ପ୍ରଦୀପ କୁମାର ମଲ୍ଲିକ, ଅସୁରାଳି ଜୋନ ଜିଲ୍ଲା ପରିଷଦ ସାରଦାପ୍ରସନ୍ନ ସାହୁ, ଯୁବନେତା ସନ୍ତୋଷ ରାୟ, ସରପଞ୍ଚ, ସମିତି ସଭ୍ୟଙ୍କ ସହିତ ସମସ୍ତ ଆଗଧାଡିର ନେତୃମଣ୍ଡଳୀ ଉପସ୍ଥିତି ରହି ଆଗାମୀ ନିର୍ବାଚନରେ ସାଂସଦ ପ୍ରାର୍ଥୀନୀ ମଞ୍ଜୁଲତା ମଣ୍ଡଳ ଓ ବିଧାୟକ ପ୍ରାର୍ଥୀ ଡାକ୍ତର ସଞ୍ଜୟ ଦାସଙ୍କୁ ବିପୁଳ ମାତ୍ରାରେ ଭୋଟ ଦେଇ ଜିତାଇବେ ସେ ନେଇ ଖସଡ଼ା ପ୍ରସ୍ତୁତ କରିଛନ୍ତି। ଏହାଛଡା ବିଜୁ ଜନତା ଦଳର ସ୍ଥାନୀୟ ପୁରୁଖା ନେତୃବୃନ୍ଦ ପ୍ରମୁଖ ଉପସ୍ଥିତ ରହି ଦଳୀୟ ସଂଗଠନକୁ ମଜବୁତ କରିବା, ନବୀନ ବାବୁଙ୍କର ସମସ୍ତ ଯୋଜନାକୁ ପ୍ରତ୍ୟେକ ଘରେ ପହଁଚାଇବା ସହ ଏକ କୋର କମିଟି ଗଠନ କରିବା ଏବଂ ବିଜୁ ଜନତା ଦଳର ଧାମନଗର ବିଧାୟକ ପ୍ରାର୍ଥୀ ଡାକ୍ତର ସଞ୍ଜୟ ଦାସ ଏବଂ ସାଂସଦ ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳଙ୍କୁ ସମର୍ଥନ କରିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ।

## ରଘୁନାଥପୁରଠାରେ ବିଜେଡି କର୍ମୀ ସମ୍ମିଳନୀ




ବାରିକପୁର/ମଞ୍ଜୁରୀରୋଡ, ୧୯ ।୪(ସମିସ): ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତ ରଘୁନାଥପୁର ସପ୍ତା ଦାଣ୍ଡ ଠାରେ ବିଜେଡିର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଯୁବନେତା ପ୍ରତ୍ୟୁଷ ସାମଲଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା ସଭାରେ ମୁଖ୍ୟଅତିଥି ଭାବେ ବିଜେଡି ସାଂସଦ ପ୍ରାର୍ଥିନୀ ମଞ୍ଜୁଲତା ମଣ୍ଡଳ ଓ ବିଧାୟକ ପ୍ରାର୍ଥୀ ସଞ୍ଜୀବ କୁମାର ମଲ୍ଲିକ ଯୋଗଦେଇଥିଲେ। ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଧାରାକୁ ଅବ୍ୟାହତ ରଖିବା ପାଇଁ ସମସ୍ତ ଜନସାଧାରଣଙ୍କୁ ପ୍ରାର୍ଥୀ ଦ୍ୱୟ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ସୁମତି ସେଠୀ, ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ, ଜିଲ୍ଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ଲକ୍ଷ୍ମୀଧର ସାହୁ, ସମିତି ସଭ୍ୟ ରିତାଞ୍ଜଳି ସାମଲ, ପ୍ରାକ୍ତନ ସରପଞ୍ଚ ମୋହନ ରାୟ, ଭାଗୀରଥି ପରିଡ଼ା ପ୍ରମୁଖ ଉଦବୋଧନ ଦେଇଥିଲେ। ପ୍ରଥମେ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ପରିକ୍ରମା କରାଯାଇଥିଲା। ଏଥିରେ ପଞ୍ଚାୟତର ବହୁ ପୁରୁଷ ଓ ମହିଳା ଯୋଗଦେଇଥିଲେ। ସେହିଭଳି ରଣଜିତ ପଞ୍ଚାୟତ ଠାରେ ସରପଞ୍ଚ ସୁଜାତା ସାହୁଙ୍କ ସଂଯୋଜନାରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ଓ ସାଂସଦ ପ୍ରାର୍ଥୀ ଯୋଗଦେଇଥିବା ବେଳେ ଅନ୍ୟାନ୍ୟ ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

## ଚାନ୍ଦବାଲି ବିଜେଡିରେ ମିଶ୍ରଣ ପର୍ବ



ଭଦ୍ରକ, ୧୯ ।୪(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ନିର୍ବାଚନମଣ୍ଡଳୀ ଅଧୀନସ୍ଥ ଆରଡି ପଞ୍ଚାୟତର ୫୦ରୁ ଊର୍ଦ୍ଧ୍ୱ ପରିବାର ବିଜେପି ଓ କଂଗ୍ରେସ ଦଳ ପରିତ୍ୟାଗ କରି ବିଜେଡିରେ ମିଶିଛନ୍ତି। ଏହି ମିଶ୍ରଣ ପର୍ବରେ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ୧ନମ୍ବର ଜିଲ୍ଲା ପରିଷଦ ଜୋନ ସଭ୍ୟ ପ୍ରିନ୍ସରାକେଶ ନାୟକ, ଆରଡି ପୂର୍ବତନ ସରପଞ୍ଚ ଅରବିନ୍ଦ ପାଢ଼ୀ ପ୍ରମୁଖ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ ଓ ଚାନ୍ଦବାଲି ବିଧାୟକ ଶ୍ରୀ ରାୟଙ୍କ ଦ୍ୱାରା ଚାନ୍ଦବାଲି ନିର୍ବାଚନମଣ୍ଡଳୀରେ ଉନ୍ନୟନ ମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ବିଜେଡି ଯୋଗ ଦେଇଥିବା ଭୋଟରମାନେ ପ୍ରକାଶ କରିଛନ୍ତି। ଚଳିତ ନିର୍ବାଚନରେ ପୁର୍ନବାର ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ ଆସନରେ ବସାଇବା ପାଇଁ ଦଳକୁ ବିପୁଳ ସଂଖ୍ୟାରେ ଭୋଟ ଦେବେ ବୋଲି କହିଥିଲେ କର୍ମୀମାନେ।

## 'କବି ଜଗନ୍ନାଥ ପାଣି ଥିଲେ ଉତ୍କଳର ଅମୃତ ସନ୍ତାନ'

ଭଦ୍ରକ, ୧୯ ।୪(ସମିସ):ଜଗନ୍ନାଥ ପାଣି ଥିଲେ ଉତ୍କଳର ଅମୃତ ସନ୍ତାନ ବୋଲି କବିଙ୍କ ଜନ୍ମ ପୀଠ ନଳାଙ୍ଗଠାରେ ବରେଣ୍ୟ ଅତିଥିମାନେ ମତବ୍ୟକ୍ତ କରିଥିଲେ କବିଙ୍କ ୧୮୮ତମ ଜନ୍ମ ଜୟନ୍ତୀରେ ସ୍ମୃତି ପୀଠରେ ଏକତ୍ରିତ ହୋଇ ପ୍ରତିମୂର୍ତ୍ତୀରେ କବିଙ୍କୁ ମାଲ୍ୟାର୍ପଣ କରିବା ସହ ଜଗନ୍ନାଥ ପାଣିଙ୍କ ପରି ମହାନ ପ୍ରତିଭାକୁ ଜନ୍ମ ଦେଇ ଉତ୍କଳ ଜନନୀ ଧନ୍ୟା ବୋଲି କହିଥିଲେ। ଅତିଥିମାନଙ୍କ ମଧ୍ୟରେ ପଣ୍ଡିତ ସଂଗ୍ରାମ ଆଶ୍ଚର୍ଯ୍ୟ, ଅଧାପକ ନିହାର ରଞ୍ଜନ କର, ନାଟ୍ୟଶ୍ରୀ ନିର୍ମଳ ରାଉତ, ଅଧାପକ ମାଧବ ଚନ୍ଦ୍ର ପତି, ବିଷ୍ଣୁ ପାଣି, ରାଧାମୋହନ ଲେଙ୍କା, କଳାକାର କାଳିନ୍ଦୀ ମଲ୍ଲିକ, ସୁବାସ ଚନ୍ଦ୍ର ମଲ୍ଲିକ, ପିତାମ୍ବର ମଲ୍ଲିକ, ନିରଞ୍ଜନ ସାଇଁ, ଅଶୋକ କୁମାର ପାଣି, ରାମନାରାୟଣ ତ୍ରିପାଠୀ, ସନ୍ତୋଷ କୁମାର ଜେନା, ସନ୍ତୋଷ କୁମାର ଭୋଇ, ସନ୍ତୋଷ କୁମାର କର, ବିକ୍ରମ କୁଅଁର, ଗୌରାଙ୍ଗ ବାରିକ, କରୁଣାକର ଓଝା, ସୁଜିତ୍ କୁମାର ନାୟକ, କେଶବ ଚନ୍ଦ୍ର ପରିଡ଼ା, ଭାଗୀରଥି ନାୟକ, ସସ୍ମିତା ମହାନ୍ତି ବିଜୟ କୁମାର ସାହୁ, ପ୍ରମୁଖ ଯୋଗଦେଇ ସ୍ମୃତି ଚାରଣ କରିଥିଲେ।

## ଧର୍ମପରାୟଣ ମହିଳାଙ୍କ ପରଲୋକ



ଦୋବଲ, ୧୯ ।୪(ସମିସ): ଦୋବଲ ପଞ୍ଚାୟତ ସୋଧ ଗ୍ରାମର ଧର୍ମପରାୟଣ ମହିଳା ସରସ୍ୱତୀ ଦ୍ୱିବେଦୀଙ୍କ ୮୨ ବର୍ଷରେ ଗୁରୁବାର ରାତ୍ରିରେ ପରଲୋକ ଘଟିଛି ତାଙ୍କ ଛାତିର ଯନ୍ତ୍ରଣା ହେବାରୁ ତାଙ୍କୁ ଧାମନଗର ପରେ ଯାଜପୁର ଡାକ୍ତରଖାନା ନିଆ ଜାଇଥିଲା ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମରଶରୀର ନିଜ ଗ୍ରାମ ସୋଧରେ ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା। ଖବର ପାଇ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ଧାମନଗର ବିଜେଡି ବିଧାୟକ ପ୍ରାର୍ଥୀ ଡା.ସଞ୍ଜୟ ଦାସ, ପୂର୍ବତନ ସମିତି ସଭ୍ୟ ପ୍ରତାପ ସାମଲ, ଦୋବଲ ସରପଞ୍ଚ ଅଶୋକ କୁମାର ପଣ୍ଡା, ବ୍ଲକ ବିଜେଡ଼ି ଯୁବ ସଭାପତି ଭାରତ ବିଜୟ ଦଳାଇ ସମେତ ବିଶିଷ୍ଟ ବ୍ୟକ୍ତି ମାନେ ଶୋକସନ୍ତପ୍ତ ପରିବାର କୁ ଭେଟି ସମବେଦନା ଜଣାଇ ଥିଲେ। ତାଙ୍କର ୩ପୁତ୍ର ପ୍ରସନ୍ନ, ତପନ ଓ ପ୍ରଶାନ୍ତ ପାଖରେ ଉପସ୍ଥିତ ଥିଲେ।

# ବିପଦପୂର୍ଣ୍ଣ ଭାବେ ଚାଲିଛି ବେଧଡ଼କ କୋଇଲା ଚୋରି







ପୀରହାଟ, ୧୯ ।୪ (ସମିସ): ତିହିଡି ବ୍ଲକର ଉତ୍ତର ଦିଗକୁ ପ୍ରାୟ ୨କିମି ଦୂରରେ ଧାମରା ବନ୍ଦର ଠାରୁ ଭଦ୍ରକ ରେଲଲାଇନ ଯାଇଛି। ସେହି ରେଲଲାଇନର ନରେନ୍ଦ୍ରପୁର ଓ ଗୁଡ଼ଦାସପୁର ଗ୍ରାମ ଠାରୁ ତିହିଡି ଯାଏ ପ୍ରଚୁର ଧରଣରେ କୋଇଲା ଚୋରି ହେଉଛି। ପ୍ରକାଶ ଯେ, ଧାମରା ବନ୍ଦରରୁ ରେଲରେ ଯେତିକି କୋଇଲା ଯାଉଛି; ତାହାର ୩୫ପ୍ରତିଶତ ଏହି ଚୋରମାନେ ବାହାର କରିନେଉଛନ୍ତି। ଆଶ୍ଚର୍ଯ୍ୟର କଥା, ରେଲଲାଇନ ପାଖେ ପାଖେ ରେଳ ବିଦ୍ୟୁତ୍ ଖୁଣ୍ଟ ମାନଙ୍କରେ କାଠରେ ନିର୍ମିତ ଡିଙ୍ଗି ବାନ୍ଧି ଚୋରମାନେ ଅତି ବିପଦପୂର୍ଣ୍ଣ ଭାବେ ରେଳ ବଗିରୁ ଏମିତି କୋଇଲା ବାହାର କରୁଛନ୍ତି। କାରଣ ରେଲଲାଇନର କରେଣ୍ଟ ଅତ୍ୟଧିକ କେଭିରେ ଗତି କରେ ଏବଂ ୨୪ଘଣ୍ଟା କରେଣ୍ଟ ରୁହେ। ତେଣୁ ଏହା ସମ୍ପୂର୍ଣ୍ଣ ବିପଦଜନକ କାଯ୍ୟ। ଏହିଭଳି ବିଦ୍ୟୁତ୍ ଖୁଣ୍ଟରେ ଚଢି କୋଇଲା କାଢୁ କାଢୁ ଡିଙ୍ଗିଆ ଭାଙ୍ଗି ଯିବାରୁ ପ୍ରାୟ ୫ଜଣରୁ ଅଧିକ ଲୋକ ମରଣ ମୁହଁରେ ପଡ଼ିଥିବା ବେଳେ ଅନେକ ଗୋଡ ହରାଇଛନ୍ତି। ସେହି ବିପଦକୁ ଖାତିର ନ କରି ଜୀବନ ସହିତ ବାଜି ଲଗାଇ କୋଇଲା ଚୋର ମାନେ ଚୋରି କରିବାରେ ବ୍ୟସ୍ତ। ପ୍ରତିଦିନ କୋଇଲା ମାଫିଆ ମାନେ ବାହାର ରାଜ୍ୟକୁ କୋଇଲା ରପ୍ତାନି କରିବାରେ ବ୍ୟସ୍ତ। ପ୍ରତିଦିନ ରାତି ୧ଟା ଠାରୁ ୩ଟା ଯାଏ ଟ୍ରକରେ କୋଇଲା ବୋଝେଇ ହୋଇ ବାହାର ରାଜ୍ୟକୁ ସପଲାୟ ହେଉଛି। ରେଳଧାରଣା ପାଖେ ପାଖେ ଏତେ ଯେ କୋଇଲା କୁଢ଼ ହୋଇ ରହିଛି, ତାହା ପର୍ବତର ଭ୍ରମ ସୃଷ୍ଟି କରୁଛି। ଏଦିଗରେ ଜଲ୍ଲା ପ୍ରଶାସନ ଓ ପୋଲିସ ଗୁରୁତର ସହ ଦୃଷ୍ଟି ଦେଇ କୋଇଲା ଚୋରି ଏବଂ କୋଇଲା ମାଫିଆଙ୍କ କୋଇଲା ଚାଲାଣକୁ ବନ୍ଦ କରିବା ପାଇଁ ସାଧାରଣରେ ଦାବି ହେଉଛି।

